
ଧରିତ୍ରୀ
DHARITRI
September 1-7, 2019 ₹ 2/-

# ଛୁଟିଦିନ

# ଶିକ୍ଷା ପାଇଁ ସମର୍ପିତ


୩
ପ୍ରଚ୍ଛଦ ପ୍ରସଙ୍ଗ



ଜଣେ ଭଲ ଗୁରୁ ଯାହା
ଜୀବନରେ ଆସନ୍ତି ବଦଳିଯାଏ ତା'ର ଭାଗ୍ୟ। ହେଲେ
ଆଜିର ସମୟରେ ଶିକ୍ଷା ନେଇଛି ବ୍ୟବସାୟର ରୂପ। ଗରିବ ମେଧାବୀ ପିଲାଙ୍କୁ
ମିଳୁନି ଗୁଣାତ୍ମକ ଶିକ୍ଷା। ହଜିଯାଉଛନ୍ତି ସେମାନେ ଅଜ୍ଞାନର ଅମା ଅନ୍ଧାରରେ।
ତେବେ ଆଜିକାର ଏହି ସମୟରେ ବି କିଛି ଗୁରୁ ଶିକ୍ଷାଦାନକୁ ନିଜ ଜୀବନର ବ୍ରତ
ଭାବି ଅଭାବୀ ମେଧା ଛାତ୍ରୀଛାତ୍ରଙ୍କୁ ନିଃସର୍ତ୍ତରେ ବାଣ୍ଟି ଚାଲିଛନ୍ତି
ଜ୍ଞାନର ଆଲୋକ...



ସିନେମା
୮/୯





ପଫ୍ ସ୍ଲିଭ୍ ଫ୍ୟାଶନ
୪

# ରାଶି ଅନୁଯାୟୀ ଗଣେଶଙ୍କ ପୂଜା



**ମେଷ:** ଏ ରାଶିର ବ୍ୟକ୍ତିମାନେ ନାଲିରଙ୍ଗର ଗଣେଶ ମୂର୍ତ୍ତି ପୂଜା କରି ଲଡ୍ଡୁ, ଗୁଡ଼ ଭୋଗ ଲଗାନ୍ତୁ।
**ବୃଷ:** ଏ ରାଶିର ବ୍ୟକ୍ତି ଧଳା ରଙ୍ଗର ମୂର୍ତ୍ତି ପୂଜା କରି ମୋଦକ, ମିଶ୍ରି, ଲଡ୍ଡୁଭୋଗ ଲଗାନ୍ତୁ।
**ମିଥୁନ:** ଏ ରାଶିର ବ୍ୟକ୍ତି ମାଟିଆ ବା ସବୁଜ ରଙ୍ଗର ଗଣେଶ ମୂର୍ତ୍ତି ପୂଜା କରିବା ସହ ମୁଗଲଡ୍ଡୁ ଏବଂ ମୋଦକ ଭୋଗ ଲଗାନ୍ତୁ।
**କର୍କଟ:** ଧଳାରଙ୍ଗ ବା ମୁଗୁନି ପଥରରେ ନିର୍ମିତ ଗଣେଶଙ୍କୁ ପୂଜା କରି ମିଶ୍ରି, ଘିଅ ଭୋଗ ଲଗାନ୍ତୁ।
**ସିଂହ:** ଏ ରାଶିର ବ୍ୟକ୍ତି ହାଲୁକା ନାଲି ରଙ୍ଗର ଗଣେଶଙ୍କୁ ପୂଜା କରି ବୁନ୍ଦି ଲଡ୍ଡୁ ଭୋଗ ଲଗାନ୍ତୁ।
**କନ୍ୟା:** ମରଗଜ ପଥରରେ ନିର୍ମିତ ମୂର୍ତ୍ତି ବା ହାଲୁକା ସବୁଜ ରଙ୍ଗର ଗଣେଶଙ୍କୁ ପୂଜା କରି ନାରଙ୍ଗି ରଙ୍ଗର ଲଡ୍ଡୁ ଏବଂ ଖିରି ଭୋଗ ଲଗାଇଲେ ଭଲ।
**ତୁଳା:** ଏହି ରାଶିର ବ୍ୟକ୍ତି ରୁପା ରଙ୍ଗର ଗଣେଶଙ୍କୁ ପୂଜା କରିବା ସହ ନଡିଆ ଲଡ୍ଡୁ ଭୋଗ ଲଗାନ୍ତୁ।
**ବିଛା:** ଏ ରାଶିର ବ୍ୟକ୍ତି ସିନ୍ଦୂର ରଙ୍ଗର ଗଣେଶଙ୍କୁ ପୂଜା କରି ଲଡ୍ଡୁ ଭୋଗ ଲଗାନ୍ତୁ।
**ଧନୁ:** ହଳଦୀ ରଙ୍ଗର ଗଣେଶ ମୂର୍ତ୍ତିଙ୍କ ପୂଜାର୍ଚ୍ଚନା ସହ ବେସନ ଲଡ୍ଡୁ ଭୋଗ କରନ୍ତୁ।
**ମକର:** ଏହି ରାଶିର ବ୍ୟକ୍ତିମାନେ ନୀଳ ରଙ୍ଗର ମୂର୍ତ୍ତି ଘରେ ସ୍ଥାପନା କରିବା ସହ ମୋଦକ ଏବଂ ଅଳେଇଚ ଭୋଗ ଲଗାନ୍ତୁ।
**କୁମ୍ଭ:** କଳା ରଙ୍ଗର ଗଣେଶଙ୍କୁ ପୂଜା କରିବା ସହ ବେସନ ବା ବୁନ୍ଦି ଲଡ୍ଡୁ ଭୋଗ ଲଗାଇବା ଏହି ରାଶି ପାଇଁ ଶୁଭଙ୍କର ହୋଇଥାଏ।
**ମୀନ:** ଏହି ରାଶିର ବ୍ୟକ୍ତିମାନେ ସବୁଜ ରଙ୍ଗର ଗଣେଶ ମୂର୍ତ୍ତି ଘରେ ସ୍ଥାପନା କରିବା ସହ ମୋଦକ ଏବଂ ମହୁ ଭୋଗ ଲଗାନ୍ତୁ।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ସେପ୍ଟେମ୍ବର ୧-୭

**ମେଷ**



ନିୟନ୍ତ୍ରିତ ସ୍ୱାସ୍ଥ୍ୟ, ବୈଷୟିକ ଅଭିବୃଦ୍ଧି, ପ୍ରତିଦ୍ୱନ୍ଦ୍ୱିତାରେ ବିଜୟ, ବନ୍ଧୁମିଳନ, ଅର୍ଥ ଲାଭ, ସାହିତ୍ୟରେ କୃତିତ୍ୱ, ପାରିବାରିକ ସଦ୍‌ଭାବ, ନୂତନ ଗୃହାରମ୍ଭ, ବନ୍ଧୁ ସମ୍ପର୍କ ସ୍ଥାପନ, ବାଣିଜ୍ୟର ପ୍ରସାର, ଆତ୍ମୀୟଙ୍କ ବିବାଦ, ପର୍ଯ୍ୟଟନର ମଉକା।

**ବୃଷ**



ପଦମର୍ଯ୍ୟାଦା ବୃଦ୍ଧି, ସାମାଜିକ ସମ୍ମାନ, ଜମିଜମା ବିବାଦ, ଯାନ୍ତ୍ରିକ ଜିନିଷ କ୍ରୟ, ବିଦେଶ ଯାତ୍ରାର ସୁଯୋଗ, ଆନୁଷ୍ଠାନିକ କାର୍ଯ୍ୟ, ମନୋରଞ୍ଜନର ଆସର, ଯୁକ୍ତିତର୍କରୁ ଅଶାନ୍ତି, ଯାତ୍ରାରେ ପ୍ରତିବନ୍ଧକ, ସନ୍ତାନହେତୁକ ଗୌରବ।

**ମିଥୁନ**



ଲୋକ ସମ୍ପର୍କ ବୃଦ୍ଧି, ତ୍ୟାଗରୁ ପ୍ରଶଂସା, ମୂଲ୍ୟବାନ୍ ଦ୍ରବ୍ୟଲାଭ, କର୍ମକ୍ଷେତ୍ରରେ ମନସ୍ତାପ, ଗବେଷଣାରୁ ସମ୍ମାନ, କଚେରି ମାମଲାରେ ହନ୍ତସନ୍ତ, କ୍ରୀଡ଼ାରେ ବିଜୟ, ଚଳଚ୍ଚିତ୍ରରୁ ଦ୍ୱନ୍ଦ୍ୱ।

**କର୍କଟ**



ଅତୀତ ଅନୁଚିନ୍ତା, ଅର୍ଥ ସଙ୍କଟ, କାର୍ଯ୍ୟହାନିରୁ ମନସ୍ତାପ, ମାଲିମକଦ୍ଦମାରୁ ଦୁଶ୍ଚିନ୍ତା, ରପ୍ତାନୀ ବାଣିଜ୍ୟରୁ ଲାଭ, ସ୍ୱାସ୍ଥ୍ୟରେ ଉନ୍ନତି, ଆନୁଷ୍ଠାନିକ କାର୍ଯ୍ୟାରମ୍ଭ, ସଙ୍କଟରୁ ମୁକ୍ତି, କାରଖାନାରେ ସମସ୍ୟା।

**ସିଂହ**



ବ୍ୟୟ ବହୁଳତା, ରେଷ୍ଟୁରାଣ୍ଟରେ କ୍ଷତି, ଋଣ ପରିଶୋଧ। ପାରିବାରିକ ଦୁଶ୍ଚିନ୍ତା, ଭୁଲ୍ ବୁଝାମଣା। ପୁରାତନ ରୋଗ, ସାମୟିକ ଅସୁସ୍ଥତା, ପ୍ରତିଯୋଗିତାରେ ସଫଳତା।

**କନ୍ୟା**



ଆର୍ଥିକ ଅଭିବୃଦ୍ଧି, ଭୋଗବିଳାସ, କାର୍ଯ୍ୟସିଦ୍ଧି। ଉଚ୍ଚ ଆଶା, ପରୋପକାର, ବ୍ୟାଧି ପୀଡ଼ା। କୃଷି ଶିଳ୍ପରେ ଉନ୍ନତି, ଧର୍ମକାର୍ଯ୍ୟରେ ରୁଚି, ବିବାଦର ସମାଧାନ, ପଡ଼ୋଶୀଙ୍କ ଉଦାରତା।

**ତୁଳା**



ନୂତନ କର୍ମାରମ୍ଭ, ଋଣ ପରିଶୋଧ, ସମ୍ପର୍କୀୟଙ୍କ ଅନୁକମ୍ପା, ମନୋବଳ ବୃଦ୍ଧି, ଭ୍ରାତୃ ସମ୍ପର୍କରେ ନ୍ୟୂନତା, ଅନ୍ୟମନସ୍କତା। ରପ୍ତାନୀ ବାଣିଜ୍ୟରେ ସମସ୍ୟା, ସଙ୍ଗୀତ ଚଳଚ୍ଚିତ୍ରରୁ ସମ୍ମାନ, ନୃତ୍ୟବାଦ୍ୟରେ ସୁନାମ, ଲୋକ ସମ୍ପର୍କ ବୃଦ୍ଧି।

**ବିଛା**



ନିରାଶାର ପରିସମାପ୍ତି, ସରକାରୀ ସୁବିଧା, ଆନୁଷ୍ଠାନିକ ସମ୍ମାନ, ଗବେଷଣାରେ ଅଗ୍ରଗତି, ସହକର୍ମୀଙ୍କ ବିରୋଧ। ବିଦେଶ ଯାତ୍ରା, ଶେୟାର ବଜାରରୁ ଲାଭ, କଳା,କ୍ରୀଡ଼ାରୁ ଗୌରବ, ସନ୍ତାନଙ୍କ ବିଶୃଙ୍ଖଳ।

**ଧନୁ**



ପାରିବାରିକ ସୌହାର୍ଦ୍ଦ୍ୟ, ଆତ୍ମୀୟସ୍ୱଜନଙ୍କ ପରାମର୍ଶ, ଗୃହଭୂମି ଲାଭ। ନିଷ୍ପତ୍ତିରେ ଦ୍ୱନ୍ଦ୍ୱ, ସାଙ୍ଗଠନିକ ସଫଳତା, ରଚନାତ୍ମକ କାର୍ଯ୍ୟ, ଅର୍ଥ ସମ୍ପର୍କରୁ ବିବାଦ, କର୍ମକ୍ଷେତ୍ରରେ ପ୍ରତିବନ୍ଧକ, ସ୍ୱାସ୍ଥ୍ୟ ସମସ୍ୟା। ଅପ୍ରୀତିକର ପରିସ୍ଥିତି।

**ମକର**



ସମସ୍ୟା ସମାଧାନ, ସମ୍ମାନଲାଭ, ବୈଷୟିକ ଉନ୍ନତି, ବନ୍ଧୁଙ୍କ ସହଯୋଗ, ପୁରାତନ ରୋଗର ପ୍ରାଦୁର୍ଭାବ, ଅଜଣା ଭୟ ଓ ଆଶଙ୍କା। ଆନୁଷ୍ଠାନିକ କର୍ମ, ଯାତ୍ରାରେ ସଫଳତା, ସଭାସମିତିରେ ମତାନ୍ତର, ପୁରାତନ ଶତ୍ରୁତା।

**କୁମ୍ଭ**



ସହକର୍ମୀଙ୍କ ସୌହାର୍ଦ୍ଦ୍ୟ, ଯାନ୍ତ୍ରିକ ଜିନିଷରେ କ୍ଷତି, ପାରିବାରିକ ସନ୍ଦେହ, ବନ୍ଧୁଙ୍କ ଭୁଲ୍ ବୁଝାମଣା, ସୀମାକୁ ନେଇ ବିବାଦ, ଲେଖାପଢ଼ାରେ ଉନ୍ନତି। ଗବେଷଣାରେ ସୁନାମ, ପରିବହନରେ ଝଗଡ଼ା।

**ମୀନ**



ସମାଜସେବା, ନୂତନ ସ୍ଥାନ ପରିଭ୍ରମଣ, କାର୍ଯ୍ୟସିଦ୍ଧିରେ ବିଳମ୍ବ, ବନ୍ଧୁଙ୍କ ଅନାଦର ଭାବ। କର୍ମକ୍ଷେତ୍ରରେ ଅସହଯୋଗ, ପରୋକ୍ଷ ଶତ୍ରୁତା। ସ୍ୱାସ୍ଥ୍ୟ ସମସ୍ୟା, ବ୍ୟବସାୟରେ ଉନ୍ନତି, ଯାନବାହନ ଲାଭ, ବନ୍ଧୁମିଳନ।

# ଇକୋ ଫ୍ରେଣ୍ଡଲି ଗଣେଶ ମୂର୍ତ୍ତି

ଆସିଯାଇଛି ପାର୍ବଣର ଋତୁ । ବିଗ୍ରହଙ୍କ ଆବାହନଠାରୁ ବିସର୍ଜନ ପର୍ଯ୍ୟନ୍ତ ପୂଜା ମଣ୍ଡପରେ ଜମେ ଉତ୍ସବର ମାହୋଲ । ତେବେ ବିଭିନ୍ନ ରାସାୟନିକ ପଦାର୍ଥ ବ୍ୟବହାର କରି ନିର୍ମିତ ହେଉଥିବା ମୂର୍ତ୍ତି ନଦୀ ବା ସମୁଦ୍ରରେ ବିସର୍ଜନ କରିବା ପରେ ଏହାର କୁପ୍ରଭାବ ଜଳଭାଗ ଉପରେ ବିଶେଷ ଭାବେ ପରିଲକ୍ଷିତ ହୋଇଥାଏ । ଏହାକୁ ଦୃଷ୍ଟିରେ ରଖି ବିଗତ କିଛି ବର୍ଷ ହେବ ବିଭିନ୍ନ ପୂଜା କମିଟି ତରଫରୁ ମୂର୍ତ୍ତି ନିର୍ମାଣ ପ୍ରତି ବିଶେଷ ଧ୍ୟାନ ଦିଆଯାଇ ପ୍ରସ୍ତୁତ କରାଯାଉଛି ଇକୋ ଫ୍ରେଣ୍ଡଲି ମୂର୍ତ୍ତି। ଗତବର୍ଷ ଗଣେଶ ପୂଜା ଅବସରରେ ଚେନ୍ନାଇଠାରେ ୭୦୦୦ କଦଳୀ ଫୁଲ ବ୍ୟବହାର କରାଯାଇ ୧୦ଫୁଟ ଉଚ୍ଚତା ବିଶିଷ୍ଟ ଗଣେଶ ମୂର୍ତ୍ତି ନିର୍ମାଣ କରାଯାଇଥିଲା। ସେହିଭଳି ବାଙ୍ଗାଲୋରରେ ସତ୍ୟସାଇ ଟ୍ରଷ୍ଟ ପକ୍ଷରୁ ପାଞ୍ଚ ଟନ୍‌ର ଆଖୁରେ ତିଆରି ଗଣେଶ ମୂର୍ତ୍ତି ନିର୍ମାଣ କରାଯାଇଥିଲା। ଅବିକଳ ସମ୍ବଲପୁରର ନଟରାଜ କ୍ଲବ୍ କଞ୍ଚା କଦଳୀରେ ନିର୍ମିତ ୨୭ ଫୁଟ ଉଚ୍ଚର ଏକ ଗଣେଶ ମୂର୍ତ୍ତି ନିର୍ମାଣ କରିଥିଲା । କେବଳ ସେତିକି ନୁହେଁ ଏହି କଦଳୀଗୁଡ଼ିକ ପାଚିଯିବା ପରେ କ୍ଲବ୍ ତରଫରୁ ଏହାକୁ ଗରିବଙ୍କ ମଧ୍ୟରେ ବାଣ୍ଟିଦିଆ ଯାଇଥିଲା। ବିଭିନ୍ନ ସଂସ୍ଥା ତରଫରୁ ଏହିଭଳି ଅନେକ ଇକୋଫ୍ରେଣ୍ଡଲି ଯଥା ନଡିଆ, ସପୁରୀ, ଫୁଲ, ପତ୍ର, ପରିବା ଆଦିରେ ନିର୍ମିତ ମୂର୍ତ୍ତି ପ୍ରସ୍ତୁତ କରାଯାଇ ପରିବେଶ ସୁରକ୍ଷାର ଏକ ବାର୍ତ୍ତା ମଧ୍ୟ ପ୍ରଦାନ କରାଯାଉଛି।



# ପାଠକୀୟ

–ଓଡ଼ିଶାରେ ଯେତେ ଗାଁ ସେତେ ନାଁ। ତେବେ ପ୍ରତ୍ୟେକ ଗାଁର ନାଁ ପଛରେ ରହିଛି କିଛି କଥା କିଛି କାହାଣୀ। ସେମିତି କିଛି ଗାଁ ଓ ଗଳି ରହିଛି ଯାହାର ନାଁ ଇଂଲିଶରେ। କ'ଣ ସେହି ନାଁ ଆଉ କ'ଣ ରହିଛି ତା' ପଛର କାହାଣୀ,ତାକୁ ନେଇ ଉପସ୍ଥାପନା ହୋଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗ 'ଇଂଲିଶ ନାଁ ଓଡ଼ିଆ ଗାଁ'ଟି ମୋ ମନ କିଣିନେଲା। 'ସ୍ୱପ୍ନରେ ନିଆଁ ବା ପାଣି ଦେଖିଲେ' ପାଠଟିରୁ ଅନେକ ଅଜଣା କଥା ଜାଣିହେଲା। ସେହିପରି 'ଭାମ୍ପାୟର୍ସ କାଫେ' ପାଠଟି ଭାରି ଭୟଙ୍କର ଥିଲା।

*–ରାକେଶ ଷଡ଼ଙ୍ଗୀ, ଫୁଲନଖରା, କଟକ*

–ଏଥରର ପ୍ରଚ୍ଛଦ ପ୍ରସଙ୍ଗ 'ଇଂଲିଶ ନାଁ ଓଡ଼ିଆ ଗାଁ'ଟି ଏକ ନିଆରା ଆଲେଖ୍ୟ ଥିଲା। ଏଥିରୁ ଇଂଲିଶ ନାଁରେ ଥିବା କେତେକ ଗାଁର ଇତିହାସ, ସ୍ଥାନୀୟ ଲୋକଙ୍କ ଚାଲିଚଳଣ, ଖାଦ୍ୟପେୟ ଇତ୍ୟାଦି ସମ୍ପର୍କରେ ଜାଣିବାକୁ ମିଳିବାରୁ ଖୁସି ଲାଗିଲା। ଲାଇଫ୍ ଷ୍ଟାଇଲ୍ ପୃଷ୍ଠାରୁ 'ହଂସୁଳି ଫ୍ୟାଶନ' ବିଷୟରେ ଅନେକ କିଛି ଶିଖିବାକୁ ମିଳିଲା। ଅନ୍ୟପକ୍ଷେ ବ୍ୟକ୍ତିତ୍ୱ ପୃଷ୍ଠାରୁ ପ୍ରସିଦ୍ଧ ଚିତ୍ରକର ସୟଦ ରାଜାଙ୍କ ବ୍ୟକ୍ତିଗତ ଜୀବନ ସମ୍ପର୍କରେ ଜାଣିହେଲା।

*–ରୂପେଶ ପ୍ରଧାନ, ନରସିଂହପୁର, କଟକ*

–ସୃଜନ ପୃଷ୍ଠାରେ ସ୍ଥାନିତ 'ଆମ୍ରୋ ବିସ୍କୁଟ୍' ନାମକ ଗପଟି ବେଶ୍ ହୃଦୟସ୍ପର୍ଶୀ ହୋଇଥିଲା। ସେହିପରି ସିନେମା ପୃଷ୍ଠାରେ ସ୍ଥାନିତ ଜ୍ୟାକ୍‌ଲିନ୍‌ଙ୍କ ଫଟୋଟି ବି ଖୁବ୍ ସୁନ୍ଦର ଲାଗୁଥିଲା। ପ୍ରଥମ ରୋଜଗାର ସ୍ତମ୍ଭରୁ ଓଡ଼ିଶା ବିଧାନସଭାର ସଚିବ ତଥା କବି, ପ୍ରାବନ୍ଧିକ ଦାଶରଥି ଶତପଥୀଙ୍କ ରୋଜଗାର ସମ୍ପର୍କିତ ଲେଖାଟି ମଧ୍ୟ ପ୍ରେରଣାଦାୟୀ ଥିଲା। 'ମହିଳା ଫଟୋଗ୍ରାଫର୍' ପାଠଟିରୁ ବି ଅନେକ ନୂଆ କଥା ଜାଣିହେଲା।

*–ସନ୍ତୋଷ ବରାଳ, ରାଜନଗର, କେନ୍ଦ୍ରାପଡ଼ା*

–ମଡେଲ୍ ମିରର୍‌ରେ ଆଶୁତୋଷ ବେଶ୍ ହ୍ୟାଣ୍ଡସମ୍ ଲାଗୁଥିଲେ। ସହର ପୃଷ୍ଠାରୁ ଉଡୁପୀ ଶ୍ରୀକୃଷ୍ଣ ମଠ ସମ୍ପର୍କରେ ବହୁ ଅଜଣା କଥା ଜାଣି ଖୁସି ଲାଗିଲା। ସେହିପରି ବିବିଧା ପୃଷ୍ଠାରେ ସ୍ଥାନିତ 'ଉଡ଼ି ଉଡ଼ି ପାର ହେଲେ ଇଂଲିଶ ଚ୍ୟାନେଲ୍' ପାଠଟି ସତରେ ବେଶ୍ ଆଶ୍ଚର୍ଯ୍ୟକର ଥିଲା। ଅନ୍ୟପକ୍ଷେ ଯାତ୍ରା ପୃଷ୍ଠାରେ ସ୍ଥାନିତ 'ରିଟର୍ଣ୍ଣ ଅଫ୍ ରାଇମୋହନ'ଏବଂ 'ଏକ ରୁଗ୍‌ଣ ସମାଜର ପ୍ରତିନିଧି ଶେଖର' ନାମକ ପାଠ ଦୁଇଟିକୁ ଖୁବ୍ ସୁନ୍ଦର ଭାବେ ଉପସ୍ଥାପନା କରାଯାଇଥିଲା।

*–ପ୍ରମିଳା ବେହେରା, କେସିଙ୍ଗା, କଳାହାଣ୍ଡି*

–ବ୍ୟାକ୍‌ପେଜ୍‌ରେ ସ୍ଥାନିତ 'ମହିଳାଙ୍କ ହର୍ସ ରେସ୍', '୧୨ ଘଣ୍ଟାରେ ୩୫୦ ମିଲିୟନ ବୃକ୍ଷରୋପଣ' ଏବଂ 'ହାଇଟେକ୍ ଭିକାରି' ଆଦି ପାଠଗୁଡ଼ିକ ଖୁବ୍ ଆଶ୍ଚର୍ଯ୍ୟକର ଲାଗୁଥିଲା। ସେମିତି ଦେଖିବାକୁ ଗଲେ ଛୁଟିଦିନର ପ୍ରତି ପୃଷ୍ଠା ପଢ଼ିବାକୁ ମୋତେ ଭଲ ଲାଗେ। ଏଥିରୁ ଅନେକ ଉପାଦେୟ କଥା ଶିଖିବାକୁ ମିଳିଥାଏ।

*–ହରପ୍ରିୟା ମହାନ୍ତି, ରାଉରକେଲା*

## ବିଶେଷ ଚିଠି



ଧରିତ୍ରୀ ଛୁଟିଦିନ ପ୍ରଚ୍ଛଦ ପ୍ରସଙ୍ଗ
ଇଂଲିଶ ନାଁରେ ଓଡ଼ିଆ ଗାଁ
ପଢ଼ି ଖୁସି ହେଲା ମନ
ତା'ସହ ବ୍ୟକ୍ତିତ୍ୱ, ବ୍ୟାକ୍‌ପେଜ୍ ଖବର
ସଭିଙ୍କୁ କଲା ମନୋରଞ୍ଜନ
ଆହୁରି ପଢ଼ିବାକୁ ଭଲ ଲାଗେ ମତେ
ପ୍ରଥମ ରୋଜଗାର ସହ ପୃଷ୍ଠା ସୃଜନ।

*–ବୁଟୁ ବିନୋଦ ବେହେରା, ନୂଆ ସାହି, ଗୋଶାଳା ରୋଡ୍, ନୟାବଜାର, କଟକ*


ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Sri Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

# ଶିକ୍ଷା ପାଇଁ ସମର୍ପିତ

**ଜଣେ ଭଲ ଗୁରୁ ଯାହା ଜୀବନରେ ଆସନ୍ତି ବଦଳିଯାଏ ତା'ର ଭାଗ୍ୟ। ହେଲେ ଆଜିର ସମୟରେ ଶିକ୍ଷା ନେଇଛି ବ୍ୟବସାୟର ରୂପ। ଗରିବ ମେଧାବୀ ପିଲାଙ୍କୁ ମିଳୁନି ଗୁଣାତ୍ମକ ଶିକ୍ଷା। ହଜିଯାଉଛନ୍ତି ସେମାନେ ଅଜ୍ଞାନର ଅମା ଅନ୍ଧାରରେ। ତେବେ ଆଜିକାର ଏହି ସମୟରେ ବି କିଛି ଗୁରୁ ଶିକ୍ଷାଦାନକୁ ନିଜ ଜୀବନର ବ୍ରତ ଭାବି ଅଭାବୀ ମେଧା ଛାତ୍ରୀଛାତ୍ରଙ୍କୁ ନିଃସର୍ତ୍ତରେ ବାଣ୍ଟି ଚାଲିଛନ୍ତି ଜ୍ଞାନର ଆଲୋକ...**

ଗୁରୁ ଏକ ଜଳନ୍ତା ଦୀପ ପରି, ଯେ ନିଜକୁ ଜାଳି ଅନ୍ୟର ଜୀବନକୁ ଆଲୋକିତ କରନ୍ତି। ମାଟିକୁ ସୁନା କରିବା ଭଳି ଶକ୍ତି ମଧ୍ୟ ଥାଏ ତାଙ୍କ ହାତରେ। ସେ ଏକ ରାସ୍ତା, ଯିଏ ନିଜେ ସ୍ଥିର ରହି ଅନ୍ୟକୁ ଲକ୍ଷ୍ୟସ୍ଥଳରେ ପହଞ୍ଚାନ୍ତି। ସେଇଥିପାଇଁ ତ ଜଣେ ଭଲ ଗୁରୁ ଯାହା ଜୀବନକୁ ଆସନ୍ତି ବଦଳିଯାଏ ତା'ର ଭାଗ୍ୟ। ଜ୍ଞାନର ଆଲୋକରେ ଆଲୋକିତ ହୋଇଯାଏ ଜୀବନ। ହେଲେ ଆଜିକାର ସ୍ୱାର୍ଥ ସମ୍ବଳିତ ଦୁନିଆରେ ଶିକ୍ଷା ନେଇଛି ବ୍ୟବସାୟର ରୂପ। ଗରିବ ମେଧାବୀ ପିଲାଙ୍କୁ ମିଳୁନି ଗୁଣାତ୍ମକ ଶିକ୍ଷା। ହଜିଯାଉଛନ୍ତି ସେମାନେ ଅଜ୍ଞାନର ଅମା ଅନ୍ଧାରରେ। ତେବେ ଆଜିକାର ଏହି ସମୟରେ ବି କିଛି ଗୁରୁଙ୍କୁ ଅର୍ଥଲାଳସା ଗ୍ରାସ କରିପାରି ନାହିଁ। ଶିକ୍ଷାଦାନକୁ ନିଜ ଜୀବନର ବ୍ରତ ଭାବି ଅଭାବୀ ମେଧା ଛାତ୍ରୀଛାତ୍ରଙ୍କୁ ନିଃସର୍ତ୍ତରେ ବାଣ୍ଟି ଚାଲିଛନ୍ତି ଜ୍ଞାନର ଆଲୋକ...

**୭୩ ବର୍ଷ ବୟସରେ ବି ଯାଉଛନ୍ତି ସ୍କୁଲ:** ବରଗଡ଼ ଜିଲା ଭେଡେନ୍ ବ୍ଲକ ମାନପୁର ଗ୍ରାମପଞ୍ଚାୟତ ଅନ୍ତର୍ଗତ ମହୁଲେ ଗ୍ରାମର ପ୍ରହ୍ଲାଦ ହୋତା। ବୟସ ୭୩ ବର୍ଷ। ୧୯୬୯ରେ ମାନପୁର ମଧ୍ୟ ଇଂରାଜୀ ବିଦ୍ୟାଳୟରେ ଶିକ୍ଷକତା ଆରମ୍ଭ କରିଥିଲେ। ୨୦୦୫ରେ ଅବସର ନେଲେ। ହେଲେ ଅବସର ପରେ ବି ଛାଡି ନ ଥିଲା ତାଙ୍କର ପାଠ ପଢ଼ାଇବାର ମୋହ। ଘରେ ଆରାମ କରିବା ପରିବର୍ତ୍ତେ ସେ ପୁଣି ଥରେ ସ୍କୁଲ ଆଡ଼େ ମୁହାଁଇଥିଲେ। ସକାଳୁ ନିତ୍ୟକର୍ମ ସାରି ମନ୍ଦିରରେ କୀର୍ତ୍ତନ କରନ୍ତି। ଏହାପରେ ଘରେ ସ୍ତ୍ରୀ କନକଲତାଙ୍କ ହାତରନ୍ଧା ଗଣ୍ଡେ ଖାଇ ନିଜ ପୁରୁଣା ସାଇକେଲକୁ ଧରି ବାହାରି ପଡ଼ନ୍ତି ଘରଠୁ ୭ କି.ମି. ଦୂର ମାନପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ। ଆବଡା ଖାବଡା, କାଦୁଅ ପଚପଚ ରାସ୍ତା ଅତିକ୍ରମ କରି ପହଞ୍ଚନ୍ତି ବିଦ୍ୟାଳୟରେ। ଆଉ ସେଠି ଷଷ୍ଠ, ସପ୍ତମ, ଅଷ୍ଟମ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ସାହିତ୍ୟ ଓ ଇତିହାସ ପଢ଼ାନ୍ତି। ସେ ପୁଣି ବିନା ବେତନରେ। ସ୍କୁଲ ଛୁଟି ହେବା ପରେ ଯାଇ ଘରକୁ ଫେରନ୍ତି। ଅବସର ପରଠାରୁ ଆଜିଯାଏ ସେ ଏହିଭଳି ଶିକ୍ଷାଦାନ କରିଆସୁଛନ୍ତି। ହେଲେ ସେ କେବେ ଥକିଯାଇ ନାହାନ୍ତି। ସନ୍ଧ୍ୟାରେ ନାତିନାତୁଣୀଙ୍କ ସହ କିଛି ସମୟ ବିତାନ୍ତି। ସେ କହନ୍ତି, 'ଅର୍ଥ ଲାଳସା ମୋର କେବେ ବି ନ ଥିଲା। ଅବସର ପରେ ଘରେ ବସି ରହିବାକୁ ଭଲ ଲାଗି ନ ଥିଲା। ଏହାଛଡା ବର୍ତ୍ତମାନ ସ୍କୁଲଗୁଡ଼ିକରେ ଶିକ୍ଷକଙ୍କ ଅଭାବ ରହୁଛି। ଫଳରେ ପିଲାମାନେ ଗୁଣାତ୍ମକ ଶିକ୍ଷା ପାଇବାରୁ ବଞ୍ଚିତ ହେଉଛନ୍ତି। ତାଛଡା ପିଲାଙ୍କୁ ଜ୍ଞାନ ବାଣ୍ଟିବାର କୌଣସି ବୟସ ନ ଥାଏ। ବରଂ ସେମିତି କରିପାରିଲେ ମୋତେ ଆତ୍ମସନ୍ତୋଷ ମିଳିଥାଏ। ସେଥିପାଇଁ ଯେପର୍ଯ୍ୟନ୍ତ ମୋର ସାମର୍ଥ୍ୟ ଅଛି ମୁଁ ଶିକ୍ଷାଦାନ କରିଚାଲିବି।'



ପ୍ରହ୍ଲାଦ ହୋତା

**ପିତୃ ତୁଲ୍ୟ ଗୁରୁ ନାରାୟଣ କୁମାର:** ବାଲେଶ୍ୱର ଜିଲାର ନାରାୟଣ କୁମାର ନାୟକ ୧୯୮୮ମସିହାରେ ମାଲକାନଗିରି ଜିଲାରେ ସରକାରୀ ଶିକ୍ଷକଭାବେ ନିଯୁକ୍ତି ପାଇଲେ। ୨୦୧୧ରୁ ୨୦୧୭ ମସିହା ପର୍ଯ୍ୟନ୍ତ ସେ ଗୋରାଖୁଣ୍ଟା ପିୟୁପି ବିଦ୍ୟାଳୟରେ ଶିକ୍ଷକତା କରୁଥିଲେ। ସେହି ସମୟରେ ଉକ୍ତ ବିଦ୍ୟାଳୟର ଜଣେ ମା' ବାପା ଛେଉଣ୍ଡ ଆଦିବାସୀ ଛାତ୍ରୀ ଅମ୍ବିକା ଯାନିଙ୍କୁ ସେ ନିଜର ଝିଅ ଭାବେ ପାଳନ କରି ପଢ଼ାଉଥିଲେ। ତେବେ ଝିଅଟି ଏକ ଗୁରୁତର ରୋଗରେ ଆକ୍ରାନ୍ତ ହୋଇଥିଲା। ନିଜର ବୋଲି କେହି ନ ଥିବାରୁ ସେ ଅମ୍ବିକାଙ୍କ ବାପା ସାଜି ତାକୁ କଟକ, ବ୍ରହ୍ମପୁର, ମାଲକାନଗିରି ଇତ୍ୟାଦି ଡାକ୍ତରଖାନାକୁ ନେଇ ହାତରୁ ଅର୍ଥ ଖର୍ଚ୍ଚ କରି ଚିକିତ୍ସା କରାଉଥିଲେ। ହେଲେ ଦୁର୍ଭାଗ୍ୟକୁ ସେହି ସମୟରେ ତାଙ୍କର ବଦଳି ହେଲା ଚିତ୍ରକୋଣ୍ଡା ଅଞ୍ଚଳ ବଡ଼ପଦର ପ୍ରାଥମିକ ବିଦ୍ୟାଳୟକୁ। ବଦଳି ପରେ ଝିଅଟି ନିଜର ପିତୃ ତୁଲ୍ୟ ଶିକ୍ଷକଙ୍କୁ ଝୁରି ଝୁରି ଗୁରୁତର ହୋଇପଡ଼ିଲେ। ନିଜ ସହପାଠୀ, ବିଦ୍ୟାଳୟର ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ଓ ଗ୍ରାମବାସୀଙ୍କୁ କାନ୍ଦି କାନ୍ଦି କହିଲେ -ମୋ ବାପା ଏଠାରୁ ଚାଲିଗଲେ ମୋର ଦାୟିତ୍ୱ ନେବ କିଏ। ମୁଁ ଜଣେ ଆଦିବାସୀ ଅନାଥ ଝିଅ। ବାପାଙ୍କୁ ଛାଡି ମୁଁ ଆଉ ବେଶିଦିନ ବଞ୍ଚିବି ନାହିଁ। ଶେଷରେ ସେ ଜିଲା ପ୍ରଶାସନକୁ ଅନୁରୋଧ କଲେ, ମୋ ବାପାଙ୍କ ବଦଳି ଆଦେଶ ବାତିଲ କରି ପୁଣିଥରେ ଗୋରାଖୁଣ୍ଟା ବିଦ୍ୟାଳୟକୁ ନେଇଆସନ୍ତୁ। ଏହି ଖବରଟି ବିଭିନ୍ନ ଖବରକାଗଜରେ ବି ପ୍ରକାଶ ପାଇଲା। ଫଳରେ ତତ୍କାଳୀନ ଜିଲାପାଳ ସୁଦର୍ଶନ ଚକ୍ରବର୍ତ୍ତୀ ସମ୍ପୃକ୍ତ ଶିକ୍ଷକଙ୍କ ବଦଳି ଆଦେଶ ବାତିଲ କରି ଗୋରାଖୁଣ୍ଟା ବିଦ୍ୟାଳୟକୁ ନେଇ ଆସିଥିଲେ। ନିଜର ପିତୃ ସଦୃଶ ଶିକ୍ଷକଙ୍କୁ ଫେରିପାଇଲା ପରେ ଅମ୍ବିକା ଖୁସିରେ ବିଭୋର ହୋଇଯାଇଥିଲେ। ପରେ ନାରାୟଣ କୁମାର ଅମ୍ବିକାଙ୍କ ଭୟଙ୍କର ରୋଗ ଭଲ ପାଇଁ ଜିଲାପାଳଙ୍କୁ ନିବେଦନ କରିଥିଲେ। ଜିଲାପାଳଙ୍କ ଆର୍ଥିକ ସାହାଯ୍ୟରେ କଟକରେ ଚିକିତ୍ସା ହେଲା। ହେଲେ ବିଧିର ବିଧାନ ଥିଲା କିଛି ଅଲଗା। ଚିକିତ୍ସିତ ହୋଇ ଫେରିବା ପରେ ଅମ୍ବିକା ମୃତ୍ୟୁବରଣ କଲେ। ନାୟକଙ୍କୁ ଏହା ଶକ୍ତ ଆଘାତ ଲାଗିଥିଲା। ତେବେ କେବଳ ଅମ୍ବିକା ନୁହନ୍ତି ଅନେକ ଛାତ୍ରୀଛାତ୍ରଙ୍କ ପାଇଁ ନାରାୟଣ କୁମାର ଶିକ୍ଷକ ସହ ବାପାର ଭୂମିକା ତୁଲାଇଛନ୍ତି। ଗୋରାଖୁଣ୍ଟା ବିଦ୍ୟାଳୟର ଗ୍ରୀଷ୍ମାବକାଶରେ ସେ ସପ୍ତମ ଓ ଅଷ୍ଟମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ଘରକୁ ନ ଛାଡି ନିଜସ୍ୱ ଖର୍ଚ୍ଚରେ ଖାଇବାକୁ ଦେଇ ପଢାନ୍ତି ଏବଂ ଆଖପାଖ ଅଞ୍ଚଳର ଭଲ ଭଲ ଶିକ୍ଷକଙ୍କୁ ଆସି ଶିକ୍ଷାଦାନ କରିବାକୁ ଅନୁରୋଧ ବି କରନ୍ତି। ଶିକ୍ଷକମାନେ ବି ଏପରି ମହତ ଉଦ୍ଦେଶ୍ୟକୁ ରକ୍ଷା କରି ବିନା ପାରିଶ୍ରମିକରେ ଶିକ୍ଷାଦାନ କରନ୍ତି। ଏହାଛଡା ଗରିବ କୋୟା ସମ୍ପ୍ରଦାୟର ଛାତ୍ରୀଛାତ୍ର ଯେଉଁମାନେ ଅଷ୍ଟମ ପାସ୍ କଲାପରେ ପାଠ ଛାଡିଦେବା ପାଇଁ କୁହନ୍ତି, ତାଙ୍କୁ ନାୟକ ଚେଷ୍ଟା କରନ୍ତି




ନାରାୟଣ କୁମାର ନାୟକ


ପ୍ରହ୍ଲାଦ ହୋତା


ପ୍ରଭାତ ଚନ୍ଦ୍ର ମିଶ୍ର


ପ୍ରଭାତ କୁମାର ପ୍ରଧାନ


ଛାତ୍ରୀଛାତ୍ରଙ୍କ ଗହଣରେ ବନବିହାରୀ ମିଶ୍ର

ଯେମିତି ଅଧାରୁ ପାଠ ନ ଛାଡନ୍ତୁ। ସେଇଥିପାଇଁ ତ ଏମ୍.ଭି. ୭ ଉଚ୍ଚ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରି ୧୦ଜଣ ଆଦିବାସୀ ଛାତ୍ରୀଛାତ୍ରଙ୍କୁ ସେହି ବିଦ୍ୟାଳୟରେ ମାଗଣାରେ ପଢ଼ିବା ପାଇଁ ସୁଯୋଗ ଦେଇଥିଲେ। କେବଳ ସେତିକି ନୁହେଁ ଏମ୍.ଭି. ୭ ଉଚ୍ଚ ବିଦ୍ୟାଳୟରେ ୧୦ମ ପାସ୍ କଲାପରେ ନିଜ ଅର୍ଥରେ ସେ ରିନା କବାସୀ, ସୁନୀତା ମାଡି ନାମ୍ନୀ ଦୁଇଜଣ ଆଦିବାସୀ ଛାତ୍ରୀଙ୍କୁ ମାଲକାନଗିରି ସଦର ମହକୁମା ଘଡେଇ ବିଜ୍ଞାନ ଆବାସିକ ମହାବିଦ୍ୟାଳୟରେ ପାଠ ପଢ଼ାଇଥିଲେ। ଏହି ଦୁଇ ଆଦିବାସୀ ଝିଅ ବର୍ତ୍ତମାନ ଭୁବନେଶ୍ୱରରେ ରିଡ୍ ମହାବିଦ୍ୟାଳୟରେ ବିଟେକ୍ ପଢୁଛନ୍ତି। ଏହି ଝିଅମାନେ ତୃତୀୟ ଶ୍ରେଣୀରୁ ଆଜି ପର୍ଯ୍ୟନ୍ତ ଛୁଟିଦିନରେ ନିଜ ଘରକୁ ନ ଯାଇ ସମ୍ପୃକ୍ତ ଶିକ୍ଷକଙ୍କ ଘରେ ରହନ୍ତି। ସେମାନେ ଗ୍ରାମର ନିଶାସକ୍ତ ପରିବେଶରେ ରହିବାକୁ ଭଲ ପାଆନ୍ତି ନାହିଁ। ଏପରିକି ଭୁବନେଶ୍ୱରରେ ପଢୁଥିବା ସମୟରେ ଛୁଟିଦିନଗୁଡ଼ିକରେ ଛାତ୍ରୀମାନେ ନାୟକଙ୍କ ଘର ବାଲେଶ୍ୱରକୁ ବି ପଳାନ୍ତି। ସେଠାରେ ଛୁଟି କାଟିବା ସମୟରେ ଗ୍ରାମଲୋକେ ସେମାନଙ୍କୁ ସ୍ନେହ କରନ୍ତି। ନାୟକ କହନ୍ତି, 'ଛାତ୍ରୀଛାତ୍ର ହେଉଛନ୍ତି ମୋର ସନ୍ତାନ ପରି। ତା'ଛଡ଼ା ମାଲକାନଗିରି ଜିଲାରେ ଦୀର୍ଘବର୍ଷ ହେବ ଶିକ୍ଷକତା କରି ଏଠାକାର ପାଣି ପବନ, ଜଳବାୟୁ ଏବଂ ଲୋକଙ୍କ ସହିତ ମୁଁ ଜଡିତ ହୋଇଯାଇଛି। ଯଦି ଶିକ୍ଷା ମାଧ୍ୟମରେ ସେମାନଙ୍କ ପାଇଁ କିଛି କରିପାରିବି ତାହାହିଁ ହେବ ମୋ ଜୀବନର ବଡ଼ ସଫଳତା।'

**ଆବଡ଼ା ଖାବଡ଼ା ରାସ୍ତା ସହ ନଦୀ ପାର ହୋଇ ଯାଆନ୍ତି ସ୍କୁଲ**

ପ୍ରଭାତ କୁମାର ପ୍ରଧାନଙ୍କ ଘର ନୟାଗଡ଼ ସହରରେ। ଏହି ଜିଲାର ନୂଆଗାଁ ବ୍ଲକ ଉଦୟପୁର ପଞ୍ଚାୟତ, କୋଶଲାଙ୍ଗ ପ୍ରାଥମିକ ବିଦ୍ୟାଳୟରେ ସେ ସହକାରୀ ଶିକ୍ଷକ ଭାବେ କାର୍ଯ୍ୟରତ। ପ୍ରତିଦିନ ସେ ୩୪ କିଲୋମିଟର ଦୂରରେ ଥିବା ବିଦ୍ୟାଳୟକୁ ଯାଆନ୍ତି ପଢ଼ାଇବା ପାଇଁ। ନୟାଗଡ଼ ସହରରୁ ନୂଆଗାଁ ୨୨ କିଲୋମିଟର। ଏହା ପରେ ନୂଆଗାଁରୁ ବିଦ୍ୟାଳୟ ୧୨ କିଲୋମିଟର ଦୂରରେ। ନୂଆଗାଁରୁ ୫ କିଲୋମିଟର ଗଲା ପରେ ପଡେ ଆବଡ଼ା ଖାବଡ଼ା ରାସ୍ତା। ପ୍ରାୟ ୭ କିଲୋମିଟର ଉକ୍ତ ଆବଡ଼ା ଖାବଡ଼ା, କାଦୁଅ ପଚପଚ ଓ ଜଙ୍ଗଲ ରାସ୍ତା ପାର ହୋଇ ସେ ସ୍କୁଲ ଯାଆନ୍ତି। ସେହି ବାଟରେ ଏକ ନଦୀ ବି ପଡ଼େ। ବର୍ଷାଦିନେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲେ ହେଁ ନଦୀ ପାର ହୋଇ ବିଦ୍ୟାଳୟ ଯିବାକୁ ସେ ପଛଘୁଞ୍ଚା ଦିଅନ୍ତି ନାହିଁ। ନଦୀ ପୂର୍ବରୁ ପଡୁଥିବା ଜିଗିନିପଡ଼ା ବିଦ୍ୟାଳୟରେ ବାଇକ୍ ରଖି ନଦୀ ପାର ହୁଅନ୍ତି। ପରେ ୭ କିଲୋମିଟର ଦୂର ଚାଲି ଚାଲି ଯାଆନ୍ତି। ଏତେ ଅସୁବିଧା ସତ୍ତ୍ୱେ ସେ କେବେ ବିଦ୍ୟାଳୟ ଯିବା ବନ୍ଦ କରନ୍ତି ନାହିଁ। ଆଉ ୧୦ଟା ପୂର୍ବରୁ ସ୍କୁଲରେ ପହଞ୍ଚି ଯାଆନ୍ତି। ପିଲାଙ୍କୁ ପାଠପଢ଼ାଇବା ସହ ବିଦ୍ୟାଳୟ ପରିସରରେ ଫୁଲଗଛ ଲଗାଇବା, ବିଦ୍ୟାଳୟ ପରିସରକୁ ସଜାଡ଼ିବା ଆଦି କାମ କରନ୍ତି। ଏମିତିକି ବିଭିନ୍ନ ସମୟରେ ପିଲାମାନଙ୍କୁ ବହି ଖାତା ବି ପ୍ରଦାନ କରନ୍ତି। ୨୦୦୮ ମସିହାରୁ ଆଜି ପର୍ଯ୍ୟନ୍ତ ସେ ଏହି ବିଦ୍ୟାଳୟକୁ ବହୁ ବାଧାବିଘ୍ନ ସହି ଯାଇ ଶିକ୍ଷକତା କରି ଆସୁଛନ୍ତି। ସେଥିପାଇଁ ବିଦ୍ୟାଳୟର ପିଲାମାନଙ୍କଠାରୁ ଆରମ୍ଭ କରି ଗ୍ରାମବାସୀ ମଧ୍ୟ ସାରଙ୍କୁ ଭଲ ପାଆନ୍ତି।

**ଛାତ୍ରୀଙ୍କ ପାଇଁ ଉତ୍ସର୍ଗୀକୃତ ଶିକ୍ଷୟିତ୍ରୀ, ଶିକ୍ଷକ :** ବ୍ୟବସାୟିକ ଶିକ୍ଷା ଦୌଡ଼ରେ ଏବେ ସରକାରୀ ସ୍କୁଲଗୁଡିକ ପଛରେ ପଡିଯାଇଛନ୍ତି। ଫଳରେ ପ୍ରତିଭା ଓ ଦକ୍ଷତା ଥାଇ ବି ଗରିବ ପିଲାମାନେ ଅର୍ଥାଭାବରୁ ଗୁଣାତ୍ମକ ଶିକ୍ଷା ପାଇବାରୁ ବଞ୍ଚିତ ହେଉଛନ୍ତି। ଏଭଳି ସ୍ଥଳେ ବଲାଙ୍ଗୀର ସହରର ରୋଟାରୀ କ୍ଲବ୍ ଅଫ୍ ଇଲିଟ୍ର କିଛି ସଦସ୍ୟ ଗରିବ ମେଧାବୀ ଛାତ୍ରୀଙ୍କ ପାଇଁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ୨୦୧୬ରୁ ଉଡାନ୍ କାର୍ଯ୍ୟକ୍ରମ ଆରମ୍ଭ କରି ସେମାନଙ୍କୁ ମାଗଣାରେ ଶିକ୍ଷାଦାନ କରାଯାଉଛି। ଏହି କାର୍ଯ୍ୟକ୍ରମରେ ଯୋଡି ହୋଇଛନ୍ତି କିଛି ଉତ୍ସର୍ଗୀକୃତ ଯୁବ ଓ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ, ଶିକ୍ଷକ। ସେମାନେ ପ୍ରଥମେ ବଲାଙ୍ଗୀର ସରକାରୀ ବାଳିକା ହାଇସ୍କୁଲ ଓ ଟାଉନ୍ ବାଳିକା ହାଇସ୍କୁଲର ନବମ ଓ ଦଶମ ଶ୍ରେଣୀର ପ୍ରାୟ ୪୦ ଜଣ ମେଧାବୀ ଛାତ୍ରୀଙ୍କୁ ପ୍ରବେଶିକା ପରୀକ୍ଷା ମାଧ୍ୟମରେ ବାଛି ସେମାନଙ୍କୁ ପ୍ରତି ଶନିବାର ଓ ରବିବାର ଶିକ୍ଷାଦାନ କରୁଛନ୍ତି। ଏଠାରେ ଶ୍ରେଣୀ ପାଠ୍ୟକ୍ରମ ସହ ନୈତିକ ମୂଲ୍ୟବୋଧଭିତ୍ତିକ ଶିକ୍ଷା ବି ପ୍ରଦାନ କରାଯାଉଛି। ଉକ୍ତ ଅନୁଷ୍ଠାନରେ ଏବେ ୧୭ ଜଣ ଶିକ୍ଷୟିତ୍ରୀ, ଶିକ୍ଷକ ସ୍ୱେଚ୍ଛାକୃତ ଭାବେ ଗରିବ ମେଧାବୀ ଛାତ୍ରୀମାନଙ୍କୁ ପଢ଼ାଉଛନ୍ତି। କେତେଜଣ ଅବସରପ୍ରାପ୍ତ ଶିକ୍ଷକ ମଧ୍ୟ ଏହି ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ମଧ୍ୟରେ ଅଛନ୍ତି। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନବୀନ ନାୟକ, ପୀତବାସ ପଣ୍ଡା ଓ ବୃଷକେତୁ ସାହୁ ୨୦୧୬ରୁ ଏହି ଉଡାନ୍ କାର୍ଯ୍ୟକ୍ରମରେ ଯୋଡିହୋଇଛନ୍ତି। ଗଡଶଙ୍କର ଡୁଙ୍ଗୁରିପାଲିର ପ୍ରଧାନ ଶିକ୍ଷକ ଦିଗାମ୍ବର ତ୍ରିପାଠୀ, ହିନ୍ଦୀ ହାଇସ୍କୁଲର ନରେନ୍ଦ୍ର ମିଶ୍ର, ଟାଉନ୍ ବାଳିକା ହାଇସ୍କୁଲ ଶିକ୍ଷକ ସିନ୍ଧୁ ସୁନ୍ଦର ପାଢ଼ୀ, କୃଷ୍ଣଚନ୍ଦ୍ର ବାଗ, ପଥରଚେପା ଆଦର୍ଶ ବିଦ୍ୟାଳୟ ଅଧକ୍ଷ କ୍ଷମାନିଧି ଝାଙ୍କର, ମହୀମୁଣ୍ଡା ଆଦର୍ଶ ବିଦ୍ୟାଳୟ ଅଧକ୍ଷ ଅଶୋକ କୁମାର ଖଟୁଆ, ସରକାରୀ ବାଳିକା ହାଇସ୍କୁଲ ଶିକ୍ଷୟିତ୍ରୀ ଯାଜ୍ଞସେନୀ ମହାପାତ୍ର, ନୂତନ ନାୟକ, ଅଂଶୁ ଷଡ଼ଙ୍ଗୀ, ସରୋଜ କୁମାର ନାୟକ, ପୃଥ୍ୱୀରାଜ ହାଇସ୍କୁଲ ଶିକ୍ଷକ ବିକାଶ ରଞ୍ଜନ ସାହୁ, ଶିକ୍ଷକ ବିଭୁଦତ୍ତ ମିଶ୍ର, ଶାନ୍ତା ବିଶ୍ୱାଳ ଓ ଅଭିପ୍ସା ସାହୁ ପ୍ରମୁଖ ସ୍ୱେଚ୍ଛାକୃତ ଭାବେ ପାଠ ପଢ଼ାଉଛନ୍ତି। ଶିକ୍ଷୟିତ୍ରୀ ନୂତନ ନାୟକ କହନ୍ତି,'ସ୍କୁଲ ବାହାରେ ବିନା ପାରିଶ୍ରମିକରେ ଏହି ଛାତ୍ରୀମାନଙ୍କୁ ପଢ଼ାଇବାର ଅନୁଭୂତି ନିଆରା। ଏଠି ଯେଉଁ ଆତ୍ମସନ୍ତୋଷ ମିଳୁଛି ତାହା ଭାଷାରେ ବର୍ଣ୍ଣନା କରିହେବନାହିଁ।' ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରୁ ପ୍ରଶିକ୍ଷଣ ନେଇଥିବା ତଥା ବର୍ତ୍ତମାନ ରାଜେନ୍ଦ୍ର କଲେଜରେ ଯୁକ୍ତଦୁଇ ପଢୁଥିବା ଛାତ୍ରୀ ସୁନୀତା ଷଡ଼ଙ୍ଗୀ କହନ୍ତି, 'ସରକାରୀ ସ୍କୁଲରେ ମୁଁ ୬୦ ପ୍ରତିଶତ ମାର୍କ ରଖୁଥିଲି। ମାତ୍ର ଉଡାନ୍ କାର୍ଯ୍ୟକ୍ରମର ଶିକ୍ଷୟିତ୍ରୀ, ଶିକ୍ଷକଙ୍କଠାରୁ ଶିକ୍ଷାଗ୍ରହଣ ପରେ ୮୫ ପ୍ରତିଶତ ମାର୍କ ରଖିଲି।' ସେହିଭଳି ଦଶମ ଶ୍ରେଣୀରେ ପଢୁଥିବା ତଥା ଉଡାନ୍ କାର୍ଯ୍ୟକ୍ରମରେ ଏବେ ପ୍ରଶିକ୍ଷଣ ନେଉଥିବା ଛାତ୍ରୀ ନୂପୁର ବାରିକ କହନ୍ତି, 'ଏଠାରେ ଆମକୁ ପାଠ୍ୟପୁସ୍ତକର ଶିକ୍ଷା ସହ ନୈତିକ ମୂଲ୍ୟବୋଧଭିତ୍ତିକ ଶିକ୍ଷା ପ୍ରଦାନ କରାଯାଉଛି, ଯାହା ଆମକୁ ବହୁ ସୁଫଳ ପ୍ରଦାନ କରୁଛି।'

**ଅବସର ପରେ ମଧ୍ୟ ଶିକ୍ଷାଦାନ :** ଯେଉଁଠି ଶିକ୍ଷା ବ୍ୟବସାୟିକ ରୂପ ନେଇଛି ସେଠି ଏବେବି କେତେଜଣ ଗୁରୁ ଅଛନ୍ତି ଯେଉଁମାନେ ଅର୍ଥ ନୁହେଁ ସ୍ୱଚ୍ଛ ଶିକ୍ଷାଦାନ କରିବାକୁ ଚାହାନ୍ତି। କେନ୍ଦୁଝର ଜିଲା ଧରଣୀଧର ସ୍ୱୟଂ ଶାସିତ ମହାବିଦ୍ୟାଳୟରୁ ଅବସର ନେଇଥିବା ଜିଓଲୋଜି ବିଭାଗର ମୁଖ୍ୟ ଡ. ବନବିହାରୀ ମିଶ୍ର ହେଉଛନ୍ତି ସେମିତି ଜଣେ ଗୁରୁ। ଘର ତାଙ୍କର କେନ୍ଦୁଝର, ପୁରୁଣା ସହରରେ। ହେଲେ ଏବେ ରୁହନ୍ତି ନୂଆସାହି ନିକଟ ଅମୃତ ବିହାରରେ। ସ୍ତ୍ରୀ, ପୁଅଝିଅ ଓ ନାତିନାତୁଣୀଙ୍କୁ ନେଇ ତାଙ୍କ ସଂସାର। ୨୦୧୪ରେ ସେ ଅବସର ନେଇଥିଲେ। ବୟସ ସିନା ତାଙ୍କୁ ଅବସର ଦେଲା, ହେଲେ ମନ ଶିକ୍ଷାଦାନରୁ ବିରତି ନେବାକୁ ଚାହିଁ ନ ଥିଲା। ସାଧାରଣତଃ ଜିଓଲୋଜି ବିଭାଗରେ ଅଧ୍ୟାପକଙ୍କ ଅଭାବ ରହିଥାଏ। ତେଣୁ ଅବସର ନେବାପରେ ଘରେ ବସି ନାତିନାତୁଣୀଙ୍କ ସହ ସମୟ ଅତିବାହିତ ନ କରି ଏହି ବିଭାଗର ସ୍ନାତକ ଓ ସ୍ନାତକୋତ୍ତର ଛାତ୍ରୀଛାତ୍ରଙ୍କୁ ମାଗଣାରେ ପଢ଼ାଇବା ଆରମ୍ଭ କଲେ। ସେ ଅବସର ନେଇଥିବା ଧରଣୀଧର ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ବି ଏହି ବିଭାଗର ଅଧ୍ୟାପକଙ୍କ ଅଭାବ ଥିଲା। ତେଣୁ ପାଠପଢ଼ା ବ୍ୟାଘାତ ହେଉଥିଲା। ସେଥିପାଇଁ ଅବସର ପରେ ସେଠାରେ ସେ ବିନା ବେତନରେ କିଛି ମାସ ପଢ଼ାଇଲେ। ଏବେ ନିଜ ଘରେ ଏହି ବିଭାଗର ପିଲାମାନଙ୍କୁ ପଢ଼ାଉଛନ୍ତି। ସେ ପୁଣି ସମ୍ପୂର୍ଣ୍ଣ ମାଗଣାରେ। ସେ ଚାହିଁଥିଲେ ଟ୍ୟୁଶନ କରି ମୋଟା ଅଙ୍କର ରୋଜଗାର କରିପାରିଥାଆନ୍ତେ। ହେଲେ ସେ ସେଭଳି କରି ନାହାନ୍ତି। କାରଣ ଶିକ୍ଷାକୁ ବ୍ୟବସାୟ କରିବା ସପକ୍ଷରେ ସେ ନୁହନ୍ତି। ସେହିଭଳି ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ଦ୍ୱିତୀୟ କ୍ୟାମ୍ପସ, କେନ୍ଦୁଝରରେ ମଧ୍ୟ ଅଧ୍ୟାପକ ଅଭାବ ରହିଛି। ତେଣୁ ସେଠାକାର ପିଜି ବିଭାଗ ଛାତ୍ରୀଛାତ୍ରଙ୍କୁ ସେ ବିନା ପାରିଶ୍ରମିକରେ ଘରକୁ ଡାକି ପଢ଼ାଉଛନ୍ତି। ଏହି କାର୍ଯ୍ୟ ଯୋଗୁ ସେ ଜଣେ ଛାତ୍ରବତ୍ସଳ ପ୍ରଫେସର ଭାବେ ଜିଲା ତଥା ଜିଲା ବାହାରେ ପ୍ରଶଂସା ପାଇଛନ୍ତି। ପରିବେଶକୁ ଭଲ ପାଉଥିବାରୁ ଧରଣୀଧର ସ୍ୱୟଂ ଶାସିତ ମହାବିଦ୍ୟାଳୟ ପରିସରରେ ପ୍ରାୟ ୧୦ ଏକର ପରିମିତ ଜମିରେ ବନୀକରଣ ବି କରିଛନ୍ତି। ଡ. ବନବିହାରୀ କୁହନ୍ତି, 'ପିଲାଙ୍କୁ ପଢ଼ାଇ ସେମାନଙ୍କ ଦକ୍ଷତା ବୃଦ୍ଧି କରିପାରିଲେ ମୋତେ ଖୁସି ମିଳିଥାଏ। ତେଣୁ ଏହି ଧାରା ମୁଁ ବଜାୟ ରଖିବି।'

**ଆତ୍ମସନ୍ତୋଷ ପାଇଁ ପଢାନ୍ତି ପାଠ:** ପ୍ରଭାତ ଚନ୍ଦ୍ର ମିଶ୍ର କେନ୍ଦ୍ରାପଡ଼ା ଜିଲା, ରାଜନଗରର ସରପଞ୍ଚ। ରାଜନୀତି କରିବା ପୂର୍ବରୁ କିନ୍ତୁ ସେ ଥିଲେ ଶିକ୍ଷକ। ସ୍ଥାନୀୟ ରାଜନଗର ଉଚ୍ଚ ବିଦ୍ୟାଳୟରେ ୩୬ ବର୍ଷ ଧରି ଶିକ୍ଷକତା କରିଥିଲେ। ସେତେବେଳେ ସେ ଖେଳଶିକ୍ଷକ ହୋଇ ବି ଗଣିତରେ ଧୁରୀଣ ହୋଇଥିବାରୁ ୯ମ, ୧୦ମ ଶ୍ରେଣୀପିଲାଙ୍କୁ ଗଣିତ ପଢ଼ାଉଥିଲେ। ବିଦ୍ୟାଳୟର ପଢ଼ା ବ୍ୟତୀତ ସେ ସକାଳ ଓ ସନ୍ଧ୍ୟା ସମୟରେ ଟ୍ୟୁଶନ୍ କରୁଥିଲେ। ହେଲେ ପିଲାଙ୍କୁ କେବେ ଟଙ୍କା ଦାବି କରୁ ନ ଥିଲେ। ଯଦି କେହି ଟଙ୍କା ଦେଉଥିଲେ ରଖୁଥିଲେ, ନ ଦେଲେ କାହାକୁ ମାଗୁ ନ ଥିଲେ। ଅନେକ ଗରିବ ପିଲା ତାଙ୍କ ପାଖରେ ପଢ଼ି ଭଲ ନମ୍ବର ରଖି ପାସ୍ କରିଛନ୍ତି। ତାଙ୍କର ଏଭଳି ମନୋଭାବ ଓ ନିର୍ମଳ ଶିକ୍ଷକତା ଯୋଗୁ ସେ ଜଣେ ଆଦର୍ଶ ଶିକ୍ଷକଭାବେ ପରିଚିତ ହୋଇପାରିଥିଲେ। ଆଉ ଅବସର ପରେ ଯେବେ ରାଜନୀତିକୁ ଓହ୍ଲାଇଲେ ତାଙ୍କର ଏହି ନିର୍ମଳ ଭାବମୂର୍ତ୍ତି ହିଁ ତାଙ୍କୁ ବିଜୟର ମୁକୁଟ ପିନ୍ଧାଇଥିଲା। ଏବେ ବ୍ୟସ୍ତତା ଭିତରେ ବି ସେ ଶିକ୍ଷାଦାନକୁ ଭୁଲି ନାହାନ୍ତି। ଟିକେ ଅବସର ମିଳିଲେ ସ୍ଥାନୀୟ ବିଦ୍ୟାଳୟକୁ ଯାଇ ପିଲାଙ୍କୁ ପଢ଼ାନ୍ତି। ଏମିତିକି ମନ ଦୁଃଖ ଥିଲେ ବି ସେ ପିଲାଙ୍କୁ ପଢ଼ାଇ ମନ ହାଲୁକା କରନ୍ତି। କିଛି ପାଠ ଅବୁଝା ଥିଲେ ପିଲାମାନେ ତାଙ୍କ ଘରକୁ ଆସି ବୁଝି ନିଅନ୍ତି। ତାଙ୍କ ମତରେ, 'ଜ୍ଞାନ ଯଦି ଅଛି ତାକୁ ବାଣ୍ଟିଲେ କ୍ଷତି କ'ଣ ! ଏହାଦ୍ୱାରା ଯଦି କିଛି ଗରିବ ପିଲା ଉପକୃତ ହୋଇପାରୁଛନ୍ତି, ତେବେ ମୋ ଶିକ୍ଷକ ଜୀବନକୁ ମିଳିବ ଆତ୍ମସନ୍ତୋଷ।' ଏହି ଗୁରୁମାନଙ୍କ ଶିକ୍ଷା ପାଇଁ ଥିବା ସମର୍ପଣଭାବ ବଦଳାଇପାରିଛି ଅନେକ ଛାତ୍ରୀଛାତ୍ରଙ୍କ ଜୀବନ। ଯଦି ଆଜିକାର ସମୟରେ ଏଭଳି ସମର୍ପଣଭାବ ସବୁ ଗୁରୁଙ୍କ କ୍ଷେତ୍ରରେ ଦେଖାଦିଏ ତେବେ କେବଳ ସମାଜ ନୁହେଁ ସାରା ଦେଶର ଭାଗ୍ୟ ବଦଳିଯିବ। କାରଣ ଗୁରୁଙ୍କ ଉଚିତ ଶିକ୍ଷା ବଦଳେଇପାରେ ସାରା ଦୁନିଆ।

**–ଶିବାନୀ ମହାନ୍ତି**

**ନରେଶ ପଟ୍ଟନାୟକ, ଦୁର୍ଯ୍ୟୋଧନ ପାତ୍ର, ଭାସ୍କର ରାଉତରାୟ, ରଞ୍ଜନ କୁମାର ପ୍ରଧାନ, ବିରେନ୍ଦ୍ର ଝାଙ୍କର, ସୁଦାନ ମହାକୁଡ**



ଛାତ୍ରୀଛାତ୍ରଙ୍କୁ ମାଗଣାରେ ଶିକ୍ଷାଦାନ କରୁଥିବା ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ।



# ପଫ୍ ସ୍ଲିଭ୍ ଫ୍ୟାଶନ



**ପଫ୍ ସ୍ଲିଭ୍ ଟ୍ରେଣ୍ଡର ପୁଣିଥରେ ପ୍ରତ୍ୟାବର୍ତ୍ତନ ହୋଇଛି। ତା'ହେଲେ ଆଉ ଡେରି କାହିଁକି। ଆପଣ ବି ଆପଣଙ୍କ ୱାର୍ଡରୋବ୍‌କୁ ଅପ୍‌ଡେଟ୍ କରିବାରେ ଲାଗିପଡ଼ନ୍ତୁ ନା। କାରଣ ଏବେ ମାର୍କେଟ୍‌କୁ ଅନେକ ଭେରାଇଟିର ପଫ୍ ସ୍ଲିଭ୍ ଟପ୍ସ ଓ ଡ୍ରେସ୍ ଆସିଗଲାଣି, ଯାହାକୁ ପିନ୍ଧି ମଡର୍ନ ଲୁକ୍ ପାଇହେବ...**



ପଫ୍ ସ୍ଲିଭ୍‌ର ଫ୍ୟାଶନ ମୁଖ୍ୟତଃ ବଙ୍ଗାଳୀ ମହିଳାଙ୍କ ଖୁବ୍ ପସନ୍ଦ। ସେମାନେ ଖାସ୍ କରି ବ୍ଲାଉଜରେ ଏହି ଡିଜାଇନ କରି ପିନ୍ଧିବାକୁ ଭଲ ପାଇଥାନ୍ତି। କିନ୍ତୁ ଏହି ଟ୍ରେଣ୍ଡ ଧୀରେ ଧୀରେ ଫ୍ୟାଶନ ୱାର୍ଲ୍ଡକୁ ମଧ୍ୟ ପ୍ରବେଶ କଲାଣି, ଯେଉଁଥିପାଇଁ ମାର୍କେଟ୍‌ରେ ଏବେ ଅନେକ ଭେରାଇଟିର ପଫ୍ ସ୍ଲିଭ ଡ୍ରେସ୍ ଓ ଟପ୍ସ ମିଳିଲାଣି। ତା'ହେଲେ ଆଉ ଡେରି କାହିଁକି, ଆସନ୍ତୁ ଜାଣିବା ପଫ୍ ସ୍ଲିଭର କ'ଣ ସବୁ ଲାଟେଷ୍ଟ ଡିଜାଇନ୍ ରହିଛି...



**ପଫ୍ ସ୍ଲିଭ୍ କ୍ରପ୍ ଟପ୍ସ:** ଏହି ଟପ୍ସ ଟିକେ ବ୍ଲାଉଜ୍ ଡିଜାଇନ୍ ଭଳି ଦେଖାଯାଇଥାଏ। କିନ୍ତୁ ଏହାକୁ ହାଇ ୱେଷ୍ଟ ଜିନ୍ସ ସହ ପେୟାର୍ କରି ପିନ୍ଧିଲେ ଷ୍ଟାଇଲିଶ୍ ଲୁକ୍ ମିଳିଥାଏ।

**ଡିଲାଇଟ୍ ବଟନ୍ ଡାଉନ୍:** ଏହା ଦେଖିବାକୁ ଏକ ସଲିଡ୍ କାଜୁଆଲ୍ ଶାର୍ଟ ପରି ହିଁ ଲାଗିଥାଏ। ସେହିପରି ଏଥିରେ ରାଉଣ୍ଡ କଲାର୍ ବି ଥାଏ। ମୁଖ୍ୟ କଥା ହେଉଛି, ଏଥିରେ ହୋଇଥିବା ପଫ୍ ସ୍ଲିଭ୍ ଡିଜାଇନ୍ ହିଁ ଏହି ଶାର୍ଟକୁ ଡିଫରେଣ୍ଟ ଲୁକ୍ ଦେଇଥାଏ, ଯାହାକୁ ଆପଣ ଚାହିଁଲେ ୱାର୍କପ୍ଲେସ୍‌କୁ ମଧ୍ୟ ଆରାମରେ ପିନ୍ଧି ଯାଇପାରିବେ।

**ପୋଲ୍‌କା ଡଟ୍ ପଫ୍ ଟପ୍ସ:** ପୋଲ୍‌କା ଡଟ୍‌ର ଫ୍ୟାଶନ ସବୁବେଳେ ଚାଲିଥାଏ। ଆଉ ଖାସ୍ କରି ପଫ୍ ସ୍ଲିଭ୍‌ବାଲା ପୋଲକା ଡଟ୍ ଟପ୍ସକୁ ମ୍ୟାଚିଂ ସ୍କର୍ଟ ସହ ପେୟାର୍ କରି ପିନ୍ଧିଲେ ଆଟ୍ରାକ୍ଟିଭ୍ ଲୁକ୍ ମିଳିଥାଏ। ତା'ସାଙ୍ଗକୁ ଯଦି ଗୋଟିଏ ଟ୍ରେଣ୍ଡି ବ୍ୟାଗ୍ ଓ ସନ୍‌ଗ୍ଲାସ୍ ହୋଇଗଲା ତା'ହେଲେ ତ ଲୁକ୍ ଆହୁରି ସୁନ୍ଦର ଦେଖାଯାଇଥାଏ।




**ବୋଟ୍ ନେକ୍‌ବାଲା ପଫ୍ ଟପ୍ସ:** ଯଦି ଆପଣଙ୍କୁ ଲାଟେଷ୍ଟ ଷ୍ଟାଇଲ୍‌ର ଟପ୍ସ ପିନ୍ଧିବା ପସନ୍ଦ, ତା'ହେଲେ ଏହି ଟପ୍ସକୁ ଚୟନ କରନ୍ତୁ। ଏହାର ଡିମାଣ୍ଡ ମାର୍କେଟ୍‌ରେ ଏବେ କାହିଁରେ କେତେ। କାରଣ ଏଥିରେ ହୋଇଥିବା ବୋଟ୍ ନେକ୍ ସହ ପଫ୍ ସ୍ଲିଭ୍ ଡିଜାଇନ୍ ଏହି ଟପ୍ସକୁ ମଡର୍ନ ଲୁକ୍ ଦେଇଥାଏ। ଏହି ଟପ୍ସ ବି ହାଇ ୱେଷ୍ଟ ଜିନ୍ସ ସହ ପର୍‌ଫେକ୍ଟ ମ୍ୟାଚ୍ କରିଥାଏ।

**ପଫ୍ ସ୍ଲିଭ୍ ଡ୍ରେସ୍:** ଯଦି କୌଣସି ପୂଜାପାର୍ବଣକୁ ଯିବାର ଥାଏ, ତା'ହେଲେ ଆପଣ ଚାହିଁଲେ ପଫ୍ ସ୍ଲିଭ୍ ବାଲା ଲଙ୍ଗ୍ ଡ୍ରେସ୍ ଚୟନ କରିପାରିବେ। ହେଲେ ଧ୍ୟାନ ଦେବେ, ସେହି ଡ୍ରେସ୍ ଯେମିତି ବ୍ରାଇଟ୍ କଲର୍‌ର ନ ହୋଇ ଲାଇଟ୍ କଲର୍‌ର ହୋଇଥିବ।

**ପଫ୍ ସ୍ଲିଭ୍ ଫ୍ରକ୍:** ପଫ୍ ସ୍ଲିଭ୍‌ବାଲା ଫ୍ରକ୍ ବି ଟିକେ ଡିଫରେଣ୍ଟ ଲୁକ୍ ଦେଇଥାଏ। ଏହାକୁ ଯେକୌଣସି ଅକେଜନ୍‌ରେ ଆପଣ ଟ୍ରାଏ କରିପାରିବେ।


**ପଫ୍ ସ୍ଲିଭ୍ କୁର୍ତ୍ତା:** କୁର୍ତ୍ତାରେ ହୋଇଥିବା ପଫ୍ ସ୍ଲିଭ୍‌ର ଡିଜାଇନ୍ ବି ଟିକେ ଭିନ୍ନ ଲୁକ୍ ଦିଏ। ଖାସ୍ କରି ଏହାକୁ ପ୍ଲାଜୋ ସହିତ ପେୟାର୍ କଲେ ଭଲ ମାନିଥାଏ।

**ପଫ୍ ସ୍ଲିଭ୍ ବ୍ଲାଉଜ୍:** ଶେଷରେ ପଫ୍ ସ୍ଲିଭ୍ ବ୍ଲାଉଜ୍। ଏହା ବଙ୍ଗାଳୀ ମହିଳାମାନଙ୍କର ଖୁବ୍ ପସନ୍ଦ। ହେଲେ ଏବେ ଅନ୍ୟମାନେ ବି ଏହାକୁ ଟ୍ରାଏ କରୁଥିବା ଦେଖିବାକୁ ମିଳୁଛି। ଏ ଷ୍ଟାଇଲ୍‌ର ବ୍ଲାଉଜ୍ ସବୁ ଫାବ୍ରିକ୍‌ର ଶାଢ଼ି ସହ ବେଶ୍ ଭଲ ମାନିଥାଏ।



# ହଣ୍ଟର ଏସ୍. ଥମ୍ପସନ୍

**ହଣ୍ଟର ଏସ୍. ଥମ୍ପସନ୍! ମାର୍କିନ୍ ସାହିତ୍ୟ ତଥା ସାମ୍ବାଦିକତା ଜଗତରେ ଜଣେ ସୁନାମଧନ୍ୟ ବ୍ୟକ୍ତିତ୍ୱ ବୋଲି ବିବେଚନା କରାଯାଇଥାଏ। ସେତିକିନୁହେଁ ଜର୍ନାଲିଜମ୍‌କୁ ନେଇ ତିରିଶ ଦଶକରେ ଆମେରିକାରେ ଯେଉଁ ବୈପ୍ଳବିକ ଚିନ୍ତାଧାରା ମୁଣ୍ଡ ଟେକିଥିଲା ସେ ଥିଲେ ତାହାର କର୍ଣ୍ଣଧାର। ଷାଠିଏ ଦଶକରେ ପ୍ରକାଶିତ ହେଲା ତାଙ୍କର ଏକ ପୁସ୍ତକ 'ହେଲ୍ସ ଏଞ୍ଜେଲ'। ଏହି ପୁସ୍ତକଟି ଗୋଟିଏ ମୋଟରସାଇକେଲ୍ ଗ୍ୟାଙ୍ଗ ଉପରେ ରଚିତ ହୋଇଥିଲା।**



ହଣ୍ଟର ଷ୍ଟକ୍‌ଟନ୍ ଥମ୍ପସନ୍, ସଂକ୍ଷେପରେ ହଣ୍ଟର ଏସ୍. ଥମ୍ପସନ୍! ମାର୍କିନ୍ ସାହିତ୍ୟ ତଥା ସାମ୍ବାଦିକତା ଜଗତରେ ଜଣେ ସୁନାମଧନ୍ୟ ବ୍ୟକ୍ତିତ୍ୱ ବୋଲି ବିବେଚନା କରାଯାଇଥାଏ। ସେତିକିନୁହେଁ ଜର୍ନାଲିଜମ୍‌କୁ ନେଇ ତିରିଶ ଦଶକରେ ଆମେରିକାରେ ଯେଉଁ ବୈପ୍ଳବିକ ଚିନ୍ତାଧାରା ମୁଣ୍ଡ ଟେକିଥିଲା ସେ ଥିଲେ ତାହାର କର୍ଣ୍ଣଧାର। ଷାଠିଏ ଦଶକରେ ପ୍ରକାଶିତ ହେଲା ତାଙ୍କର ଏକ ପୁସ୍ତକ 'ହେଲ୍ସ ଏଞ୍ଜେଲ'। ଏହି ପୁସ୍ତକଟି ଗୋଟିଏ ମୋଟରସାଇକେଲ୍ ଗ୍ୟାଙ୍ଗ ଉପରେ ରଚିତ ହୋଇଥିଲା। ଏହି ବହିଟିକୁ ଲେଖିବା ପାଇଁ ଥମ୍ପସନ୍ ସେହି ମୋଟରସାଇକେଲ୍ ଗ୍ୟାଙ୍ଗ୍ ସହିତ ଗୋଟଏ ବର୍ଷ ଅତିବାହିତ କରିଥିଲେ। ୧୯୭୦ରେ କିନ୍ତୁ ତାଙ୍କୁ ଜଣେ ପ୍ରଚଣ୍ଡ ସାରସ୍ୱତ ସାଧକ ଭାବରେ ଖ୍ୟାତି ମିଳିଲା। ଏହାପରେ କେବଳ ଆମେରିକା ସାହିତ୍ୟରେ ନୁହେଁ; ସାମ୍ବାଦିକତା କ୍ଷେତ୍ରରେ ମଧ୍ୟ ଜଣେ ଚର୍ଚ୍ଚିତ ବ୍ୟକ୍ତିତ୍ୱ ଭାବରେ ପରିଗଣିତ ହୋଇଥିଲେ। ତାଙ୍କ ବିଷୟରେ ଆଲୋଚନା କରିବା ବେଳେ ଯେଉଁ ବହିଟି ପ୍ରଥମେ ଲୋକଲୋଚନକୁ ଆସେ ତାହା ହେଉଛି 'ଫିୟର ଆଣ୍ଡ ଲୋଥିଂ ଇନ୍ ଲାସ୍ ଭେଗାସ୍'। ଏହି ବହି ଧାରାବାହିକକୁ ମଧ୍ୟ ରୂପାନ୍ତରିତ ହୋଇଥିଲା। ପରେ ଏହା ଚଳଚ୍ଚିତ୍ରକୁ ରୂପାନ୍ତରିତ ହୋଇ ତାଙ୍କୁ ଅଶେଷ ଖ୍ୟାତି ଆଣି ଦେଇଥିଲା। ଥମ୍ପସନ୍ ରାଜନୀତିରେ ସକ୍ରିୟ ଥିଲେ ମଧ୍ୟ ତାଙ୍କର ରାଜନୈତିକ କ୍ୟାରିୟର ତାଙ୍କୁ ଜୟଯାତ୍ରା ଆଣି ଦେଇ ନ ଥିଲା। ସାହିତ୍ୟ ଓ ସାମ୍ବାଦିକତା କ୍ଷେତ୍ରରେ ଶୀର୍ଷକୁ ଉନ୍ନୀତ ହୋଇ ପାରିଥିବା ଥମ୍ପସନ୍‌ଙ୍କ ରାଜନୈତିକ ଜୀବନ ଦୁର୍ବିଷହ ଓ ଶୂନ୍ୟତାରେ ଭରିରହିଥିଲା।


**ଜନ୍ମ ଓ ପରିବାର :** ଥମ୍ପସନ୍ କେଣ୍ଟୁକୀର ଲୁଇସ୍‌ଭିଲ୍ ସ୍ଥିତ ଗୋଟିଏ ମଧ୍ୟବିତ୍ତ ପରିବାରରେ ଜନ୍ମଗ୍ରହଣ କରିଥିଲେ। ଏହା ଥିଲା ୧୯୩୭ ଜୁଲାଇ ୧୮ ତାରିଖର ଘଟଣା। ବାପା ଜାକ୍ ରବର୍ଟ ଥମ୍ପସନ୍ ଥିଲେ ଜଣେ ବୀମା କର୍ମଚାରୀ। ପ୍ରଥମ ବିଶ୍ୱଯୁଦ୍ଧରେ ମଧ୍ୟ ସେ ଭାଗ ନେଇଥିଲେ। ମା' ଭର୍ଜିନିଆ ଡାଭିସନ୍ ଥିଲେ ଜଣେ ଲାଇବ୍ରେରିଆନ୍। ତାଙ୍କ ପରିବାରରେ ଏମିତି ଅନେକ ସଦସ୍ୟ ଥିଲେ ଯେଉଁମାନେ ସାହିତ୍ୟ ସହିତ କମ୍, ଅଧିକ ରାଜନୀତିରେ ରୁଚି ରଖୁଥିଲେ। ତେବେ ଲାଇବ୍ରେରିଆନ୍ ମା'ଙ୍କ ପ୍ରଭାବରେ ଥମ୍ପସନ୍ ସାହିତ୍ୟ ପ୍ରତି ଆକୃଷ୍ଟ ହୋଇଥିଲେ। ପିଲାଟିବେଳୁ ଖେଳକୁଦରେ ପ୍ରଚଣ୍ଡ ରୁଚି ରଖୁଥିଲେ ଥମ୍ପସନ୍। ସନ୍ତରଣ ହେଉ କି ସୁଟିଂ – ଏସବୁରେ ସେ ଖୁବ୍ କମ୍ ବୟସରୁ ପ୍ରବୀଣ ହୋଇଉଠିଥିଲେ।


**ବାପାଙ୍କ ଦେହାନ୍ତ :** ମଧ୍ୟବିତ୍ତ ପରିବାରରେ ଜନ୍ମ ହୋଇଥିଲେ ମଧ୍ୟ ସବୁ ଠିକ୍‌ଠାକ୍ ଚାଲିଥିଲା ଥମ୍ପସନ୍‌ଙ୍କ ଜୀବନରେ। ତେବେ ସବୁବେଳ ସମାନ ନ ରହିବା ଭଳି ତାଙ୍କ ଜୀବନକୁ ଦୁଃଖ ଘନେଇ ଆସିଥିଲା। ତାଙ୍କୁ ଯେତେବେଳେ ୧୪ବର୍ଷ ବୟସ ତାଙ୍କ ବାପାଙ୍କର ଅକାଳ ବିୟୋଗ ଘଟିଲା। ବାପା ରବର୍ଟଙ୍କୁ ସେତେବେଳେ ମାତ୍ର ୫୮ ବର୍ଷ ବୟସ ହୋଇଥିଲା। ଏହା ତାଙ୍କ ପରିବାର ପାଇଁ ଥିଲା ଏକ ଦାରୁଣ ଘଟଣା। ମା' ଜଣେ ଲାଇବ୍ରେରିଆନ୍ ଭାବରେ କାମ କରୁଥିଲେ। ବାସ୍, ସେତିକି ଥିଲା ଗୋଟେ ପରିବାରକୁ ଚଳେଇବାର ମାଧ୍ୟମ। ଏମିତି ଏକ ସମୟ ଆସି ପହଞ୍ଚିଲା ଯେତେବେଳେ ମା' ଭର୍ଜିନିଆଙ୍କୁ ଦିନକୁ ଦୁଇଓଳି କାମ କରିବା ପାଇଁ ପଡ଼ିଲା। ଫଳରେ ତାଙ୍କ ମା' ମାନସିକ ସ୍ତରରେ ଭାଙ୍ଗିପଡ଼ିଲେ। ନିଜକୁ ମାନସିକ ଦୃଢ଼ କରିବା ପାଇଁ ସେ ଆଲକୋହଲ୍‌ର ସାହାରା ନେଲେ। ଦିନ ଆସିଲା ଯେତେବେଳେ ତାଙ୍କ ମା' ସମ୍ପୂର୍ଣ୍ଣ ଭାବରେ ନିଶାସକ୍ତ ପାଲଟି ଯାଇଥିଲେ। ଏଭଳି ଅନେକ ଘଟଣା ଆଉ ଦୁର୍ଘଟଣାକୁ ସାମ୍ନା କରି ଅତିକ୍ରାନ୍ତ ହୋଇଥିଲା ଥମ୍ପସନ୍‌ଙ୍କ କୈଶୋର ଆଉ ଯୌବନ।

**ଏୟାରଫୋର୍ସରୁ ସାମ୍ବାଦିକତା :** ପିଲାଟି ବେଳରୁ ଜଣେ ବୈମାନିକ ହେବାରେ ରୁଚି ରଖୁଥିଲେ ଥମ୍ପସନ୍। ବହୁ ବାଧାବିଘ୍ନକୁ ଅତିକ୍ରମ କରି ତାଙ୍କୁ ପାଠ ପଢ଼ିବାକୁ ହୋଇଥିଲା। ସେ ଏୟାରଫୋର୍ସରେ ଯୋଗ ଦେଲେ ଏବଂ ବିମାନ ଉଡ଼େଇବାକୁ ସୁଯୋଗ ଦିଆଯାଉ ବୋଲି ଆବେଦନ କଲେ। ମାତ୍ର ଏୟାରଫୋର୍ସ ପକ୍ଷରୁ ତାଙ୍କର ଆବେଦନକୁ ଖାରଜ କରି ଦିଆଯାଇଥିଲା। ଅବଶ୍ୟ ପାରିବାରିକ ଆବଶ୍ୟକତାକୁ ପୂରଣ କରିବା ପାଇଁ ସେ ସେଠାରେ କିଛିଦିନ କାମ କଲେ। ମାତ୍ର ତାହା ତାଙ୍କୁ ସମୟର ଅପଚୟ ପରି ମନେ ହୋଇଥିଲା। ସେଥିଲାଗି ସେ ଏୟାରଫୋର୍ସରୁ ଇସ୍ତଫା ଦେଇ ସାମ୍ବାଦିକତା କ୍ଷେତ୍ରକୁ ଓହ୍ଲାଇଲେ। ପ୍ରଥମେ ଜଣେ ସ୍ପୋର୍ଟ୍ସ ଜର୍ନାଲିଷ୍ଟ ଭାବେ ଯୋଗ ଦେଇଥିଲେ। ଏଇଠୁ ଆରମ୍ଭ ହୋଇଥିଲା ତାଙ୍କର ସାମ୍ବାଦିକତା ଓ ସାହିତ୍ୟିକତାର ଯାତ୍ରା।

ସାମ୍ବାଦିକତା ତଥା ସାହିତ୍ୟ କ୍ଷେତ୍ରକୁ ବହୁ ଭାବରେ ସମୃଦ୍ଧ କରିଥିବା ଏହି ଲେଖକଙ୍କର ୨୦୦୫, ଫେବୃୟାରୀ ୨୦ ତାରିଖରେ ଦେହାନ୍ତ ଘଟିଥିଲା।









# ଶୂନ୍ୟସ୍ଥାନ

**ବିଚିତ୍ର ବିଶ୍ୱାଳ**

କିଛି ଜିନିଷ ପାଖରେ ଥାଇ ବି ତାକୁ ଅନୁଭବ କରିହୁଏ ନାହିଁ, ଆଉ କିଛି ଜିନିଷ ଲକ୍ଷେ ଯୋଜନ ଦୂରରେ ଥିଲେ ବି ଅହରହ ଛୁଇଁବା ପରି ଅନୁଭବ ହେଉଥାଏ । ଏଇତ ଜୀବନ ।

ହଟ୍‌କେସ୍‌ରୁ ଦୁଇଟା ରୁଟି କାଢ଼ି ଥାଳିରେ ରଖି ପୁଅକୁ ଖାଇବାକୁ କହିଲେ ଲୋକ ଜଣକ । ନିଜେ ଖଣ୍ଡେ ରୁଟି ଛିଣ୍ଡେଇ ସନ୍ତୁଳାରେ ମାଡ଼ି ପାଟିକୁ ନେଲେ ।

–ଖାଇଦେ ପୁଅ, କେତେବେଳେ ଯାଇ ଖାଇଥିଲୁ, ନେ ବେଗି ବେଗି ରୁଟି ଦି'ଖଣ୍ଡ ଖାଇଦେ । ମା' ପୁଣି ଗରମ ଗରମ ରୁଟି ଆଣୁଛି । ସନ୍ତୁଳା ଲଗେଇ ଖାଇଦେ । ଦେଖ୍, କେଡ଼େ ସୁଆଦିଆ ହୋଇଛି ସନ୍ତୁଳା ।

ସନ୍ତୁଳାରୁ ଟିକେ ପାଟିକୁ ନେଇ ପୁଣି କହିଲେ, ଆରେ ବସିଛୁ କାହିଁକି, ନେ ଖାଇଦେ ।

–ମୋ ଉପରେ ରାଗିଛୁ? ଖାଇବୁନି? ତୁ ନ ଖାଇଲେ ତୋ ମା' ପେଟକୁ କ'ଣ ଦାନା ଯିବ! ଖଣ୍ଡେ ଖଣ୍ଡେ ଖାଇ ଗୋଟିଏ ରୁଟି ସରିଲା ତାଙ୍କର ।

–ଆରେ ଖାଇଦେ ପୁଅ, କିଛି କହୁନୁ କାହିଁକି, କି ଖାଉନୁ ବି କାହିଁକି?

ପ୍ଲେଟ୍‌ରେ ଅଳ୍ପ ମିକ୍ସଚର୍ କାଢ଼ିଲେ ସେ । ଦୁଇଟି ଗ୍ଲାସ୍ ଆଣି ସେଥିରେ ଦୁଇ ପେଗ୍ ହ୍ୱିସ୍କି ଢାଳିଲେ । ନିଜେ ଗୋଟେ ଗ୍ଲାସ୍ ଉଠେଇ ଆର ଗ୍ଲାସ୍‌ରେ ଛୁଆଁଇ ଚିଅର୍ସ କହିଲେ ।

–ନେ ବେଟା, ଉଠା ଗୋଟେ ଗ୍ଲାସ୍ । ସବୁ ଦୁଃଖ ଭୁଲି ହୋଇଯିବ ।

ଗୋଟିଏ ଢୋକରେ ଖାଲି ହୋଇଗଲା ତାଙ୍କ ଗ୍ଲାସ୍ । କୋହକୁ ନିୟନ୍ତ୍ରଣରେ ରଖିବାକୁ ଚେଷ୍ଟା କରୁଥିଲେ ସେ ।

–ଆରେ ବସିଲୁ କାହିଁକି? ଉଠେଇ ଦେ ଏ ଗ୍ଲାସ୍‌ଟା । ନେ ପିଇଦେ ।

–ପିଇଦେ ବା କହୁଛି । ଉତ୍ତେଜିତ ଶୁଭିଲା ତାଙ୍କ କଣ୍ଠସ୍ୱର ।

ପର ମୁହୂର୍ତ୍ତରେ ପୁଣି ଓଦାଳିଆ ସ୍ୱରରେ କହିଲେ, ପିଇଦେ'ରେ ଧନ । ଢୋକେ ପିଇଦେ । ଟିକେ ଖାଇଦେ ।

ରୋଷେଇ ଘରର ଦରଜା ପାଖରେ ଲୁହ ଛଳଛଳ ଆଖିରେ ଠିଆ ହୋଇ ଏ ସବୁକୁ ଦେଖୁଥିବା ତାଙ୍କ ସ୍ତ୍ରୀ ଯେନତେନ ପ୍ରକାରେ ଲୁହକୁ ଅଟକାଇ କହିଲେ, ତୁମେ ଆଜି ସକାଳେ ବି ମେଡିସିନ୍ ଖାଇନ ନା! ମୋତେ ମିଛ କହିଲ । ଡାକ୍ତର ବା କହିଛନ୍ତି, ତୁମେ ମେଡିସିନ୍ ନ ଖାଇଲେ... କଣ୍ଠ ରୁନ୍ଧି ହୋଇଆସିଲା ତାଙ୍କର । ସେମିତି ଥରଥର ସ୍ୱରରେ କହିଲେ, ଶୂନ୍ୟ ଚେଆର୍‌ଟା କ'ଣ ଖାଇପାରିବ ନା ପିଇ ପାରିବ!

ଆଉ ବୋଲ ମାନିଲାନି ଲୁହ ।

ଜୀବନ ଅଙ୍କର କିଛି ଶୂନ୍ୟସ୍ଥାନ କେବେ ବି ପୂରଣ ହୁଏନି । ତେଣୁ ସେହି ଶୂନ୍ୟସ୍ଥାନ ସହିତ ଦୋସ୍ତି କରିନେବାକୁ ପଡ଼େ ମଣିଷକୁ ।

ଆର ଗ୍ଲାସ୍ ହ୍ୱିସ୍କିକୁ ବି ଢକ୍ ଢକ୍ କରି ପିଇଦେଲେ ସେଇ ଲୋକଟି । ପୁଣି ଦୁଇଟି ଗ୍ଲାସ୍‌ରେ ଦୁଇ ପେଗ୍ ହ୍ୱିସ୍କି ଢାଳିଲେ । ଗୋଟିଏ ନିଜ ପାଇଁ ଓ ଆଉ ଗୋଟିଏ ଶୂନ୍ୟସ୍ଥାନ ପାଇଁ ।

–ଭିରଙ୍ଗ, ତୀରଣ, ଜଗତ୍‌ସିଂହପୁର

## ଇଏ କ'ଣ ସେଇ ବର୍ଷା

– ନିଶିକାନ୍ତ କହଲସିଂହ

ଇଏ କ'ଣ ସେଇ ବର୍ଷା
ଯିଏ ଦିନେ ଆମ ମନେ
ଜାଳିଥିଲା ନିଆଁ..
ଇଏ କ'ଣ ସେଇ ବର୍ଷା
ଗାଉଥିଲା ଯିଏ ଆମ
ପ୍ରୀତିର ରାଗିଣୀ.......,
ଅନ୍ଧ ମୁହାଣୀ ନଇ
ଝରାଏ ଯେ ଆଖିରୁ ତୁମର
ଇଏ କ'ଣ ସେଇ ବର୍ଷା
ବାନ୍ଧିଛି ଯେ ତୁମପାଦେ
ବ୍ୟଥାର ବାଜେଣୀ....... ।।

*–ଲୋକିପୁର, ଗଡ଼ମାଣତୀର, ଖୋର୍ଦ୍ଧା*

## ସନ୍ଧ୍ୟାତାରା

–ଲୀନା ଦାଶ

ସନ୍ଧ୍ୟା ତାରା
ଦେଖିବାକୁ ଭାରି
ଡର ଲାଗୁଥିଲା
ଶୁଣିଥିଲି ତାକୁ
ଦେଖିଲେ ପରା
ବୋଉ ମରିଯାଏ
ବୋଉ ତ ମରିଗଲା
ଏବେ ସନ୍ଧ୍ୟାତାରାକୁ ଦେଖୁଛି
ଆଉ ଖୋଜୁଛି
କାଳେ ଦିଶିଯିବ
ମୋ ବୋଉର ମୁହଁ ।

*–ମହାନ୍ତିପଡ଼ା, ବରଗଡ଼*







ସାରା

# ଗୀତ ପାଇଁ ଟେନସନ୍

ନିର୍ମାଣାଧୀନ ସିକୁଏଲ ଫିଲ୍ମ 'କୁଲି ନଂ-୧'ର ଶୁଟିଂ ସମୟରେ ସାରା ଅଲ୍ଲୀ ଖାଁଙ୍କ ଟେନସନ ଟିକେ ବଢ଼ିଯାଇଛି। ସବୁ ଠିକ୍‌ଠାକ୍ ଚାଲିଥିଲା, ହେଲେ ଯେତେବେଳେ ଗୀତ ଶୁଟିଂ ଆରମ୍ଭ ହେଲା ସେ ପୂର୍ବାପେକ୍ଷା ସିରିୟସ ହୋଇପଡିଥିଲେ। କାରଣ କୋରିଓଗ୍ରାଫର ଗଣେଶ ଆଚାର୍ଯ୍ୟ ଗୀତଟିର ଦୃଶ୍ୟାୟନ କିପରି ଶତ ପ୍ରତିଶତ ପରଫେକ୍ଟ ହେବ ସେ ନେଇ ଦିନରାତି ଏକାଠି କରିଦେଇଛନ୍ତି। ସେଥିପାଇଁ ଦୁଇ ଦିନିଆ ୱାର୍କସପ ମଧ୍ୟ ହୋଇଥିଲା। ଏଥିରେ କେବଳ ସାରା ନୁହନ୍ତି ଫିଲ୍ମର ନାୟକ ବରୁଣ ଧାୱନ ମଧ୍ୟ ଡ୍ୟାନ୍ସ ପ୍ରାକ୍ଟିସ ସମୟରେ ବେଶ୍ ଝାଳ ବୁହାଇଥିଲେ। ଏହି ଗୀତରେ ଦୁହେଁ ୟେଲୋ କଲ୍‌ର ଡ୍ରେସ ପିନ୍ଧି ନାଚୁଥିବାର ଦେଖିବାକୁ ମିଳିବ। ବରୁଣ-ସାରାଙ୍କୁ ନେଇ ନିର୍ମିତ ହେଉଥିବା ଏହି ଫିଲ୍ମର ନିର୍ଦ୍ଦେଶନା ଦେଉଛନ୍ତି ଡେଭିଡ ଧାୱନ। ଉକ୍ତ ଗୀତର ପିକ୍ଚରାଇଜେଶନ ଥାଇଲାଣ୍ଡରେ ହେବାର ଯୋଜନା ରହିଛି।

# ଡବଲ ଖୁସି

ହିମେଶ ରେଶମିଆଁଙ୍କ ଖୁସି କହିଲେ ନ ସରେ। କାରଣ ତାଙ୍କ ଅଭିନୀତ ତଥା ରିଲିଜ୍ ଅପେକ୍ଷାରେ ଥିବା ଚଳଚ୍ଚିତ୍ର 'ହାପି ହାର୍ଡି ଆଣ୍ଡ ହିର୍' ଏବେ ଚର୍ଚ୍ଚାର କେନ୍ଦ୍ର ବିନ୍ଦୁ ସାଜିଛି। ଏପରି କି ଏହାର ତିନି ମିନିଟ୍ ଅବଧି ବିଶିଷ୍ଟ ପ୍ରଥମ ଟିଜରକୁ ଆଶାତୀତ ଲାଇକ୍ ମିଳିଛି। ଏହି ଫିଲ୍ମରେ ହିମେଶ ଡବଲ ରୋଲ୍‌ରେ ଅଭିନୟ କରୁଛନ୍ତି। କେବଳ ସେତିକି ନୁହେଁ, ଏହାର ଗୀତଗୁଡିକ ଏବେଠାରୁ ଶ୍ରୋତାଙ୍କୁ ପ୍ରଭାବିତ କରିବାରେ ସକ୍ଷମ ହୋଇଛି। ବିଶେଷଭାବରେ ରାତାରାତି ସଙ୍ଗୀତ ଜଗତରେ ହଇଚଇ ସୃଷ୍ଟି କରିଥିବା ଗାୟିକା ରାନୁ ମଣ୍ଡଲଙ୍କ 'ତେରି ମେରି କାହାନୀ' ଗୀତଟି ଯେ କେତେ ଭାଇରାଲ ହୋଇଛି ତାହା କହିବା ବାହୁଲ୍ୟ। ଏହି ଫିଲ୍ମରେ ହିମେଶଙ୍କ ସହ ସ୍କ୍ରିନ୍ ସେୟାର କରିଛନ୍ତି ସୋନିଆ ମନ୍। ଏହାର ମୁଖ୍ୟ ଭୂମିକାରେ ଅଭିନୟ କରିବା ସହ ଚିତ୍ରଟିର କାହାଣୀ ମଧ୍ୟ ସେ ରଚନା କରିଛନ୍ତି। ଦୀପଶିଖା ଦେଶମୁଖ ଏବଂ ସବିତା ମାନକଚାନ୍ଦଙ୍କ ଦ୍ୱାରା ପ୍ରଯୋଜିତ ଏବଂ ରାକାଙ୍କ ନିର୍ଦ୍ଦେଶିତ ଏହି ହିନ୍ଦୀ ସିନେମା ଆସନ୍ତା ମାସ ୨୦ରେ ରିଲିଜ ହେବାର ଯୋଜନା ରହିଛି।



ହିମେଶ

# ଭାଗ୍ୟକୁ ନିନ୍ଦୁଛନ୍ତି ଇଲିୟାନା

ଇଲିୟାନା ଡି' କ୍ରୁଜ୍ ଯେଉଁ ଡାଳ ଧରୁଛନ୍ତି ତାହା ଭାଙ୍ଗିଯାଉଛି। ସତେଯେମିତି ଯାହା ଧରୁଛନ୍ତି ତାହା ମାଟି ହୋଇଯାଉଛି। ଦେଖୁନାହାନ୍ତି, ବିଦେଶୀ ପ୍ରେମିକ ଆଣ୍ଡ୍ର୍ୟୁ ନି'ବୋନ୍‌ଙ୍କ ସହ ବ୍ରେକ୍ ଅପ୍ ହେବା ପରେ ସେ ଏକରକମ ଭାଙ୍ଗି ପଡିଥିଲେ। ଏବେ ତାଙ୍କୁ ମିଳିଥିବା ୨-୩ଟି ବଲିଉଡ୍‌ର ଅଫର ମଧ୍ୟ ହାତରୁ ଖସିଯାଇଛି। ଏ ସମ୍ପର୍କରେ ଇଲିୟାନା କହନ୍ତି, 'ଏବେ ମୋ ଜୀବନରେ କ'ଣ ଘଟିଯାଉଛି ତାହା ମୁଁ ଜାଣିପାରୁନାହିଁ। ଆଣ୍ଡ୍ର୍ୟୁଙ୍କ ସହ ବ୍ରେକ୍ ଅପ୍ ହେବା ପରେ ମୁଁ ସତେଯେମିତି ଭାଙ୍ଗି ପଡିଛି। ତା'ପରେ ଏବେ ଯେଉଁ କେତୋଟି ଅଫର ହାତରେ ଥିଲା ତାହା ମଧ୍ୟ ହାତଛଡା ହେଲା। ଏହାର କାରଣ କ'ଣ ମୁଁ ଜାଣିପାରୁନାହିଁ। ଭାବୁଛି ଏହା ହେଉଛି ମୋ ଭାଗ୍ୟର ଦୋଷ।' ଅଷ୍ଟ୍ରେଲୀୟ ଫଟୋଗ୍ରାଫର ଆଣ୍ଡ୍ର୍ୟୁଙ୍କ ସହ ଇଲିୟାନାଙ୍କର ଗତ ତିନି ବର୍ଷ ଧରି ପ୍ରେମ ସମ୍ପର୍କ ଥିଲା। ହେଲେ ସାମାନ୍ୟ ଯୁକ୍ତିତର୍କରୁ ଦୁହିଁଙ୍କର ଏହି ପ୍ରେମରେ ପୂର୍ଣ୍ଣଚ୍ଛେଦ ପଡିଯାଇଛି। ଏପରିକି ଦୁହେଁ ନିଜ ନିଜ ସୋସିଆଲ ମିଡିଆରେ ଦୁହିଁଙ୍କର ଫଟୋଗୁଡିକୁ ଡିଲିଟ୍ କରିସାରିଛନ୍ତି।







ହ୍ରିତିକ-ଅନୁଷ୍କା

# ଲବି କରୁଛନ୍ତି ହ୍ରିତିକ

ହ୍ରିତିକ ରୋଶନଙ୍କୁ ନେଇ ଏବେ ଚର୍ଚ୍ଚା। ସେ ଅଭିନୟ କରିବାକୁ ଯାଉଥିବା ଏକ ରିମେକ୍ ଫିଲ୍ମରେ ଜଣେ ନାୟିକାଙ୍କ ପାଇଁ ସେ ପୂରା ଦମ୍‌ରେ ଲବି ଚଲାଇଛନ୍ତି ବୋଲି ଆଲୋଚନା ହେଉଛି। କାରଣ ସେହି ଅଭିନେତ୍ରୀଙ୍କ ସହ ସେ ଏ ପର୍ଯ୍ୟନ୍ତ ଅଭିନୟ କରିନାହାନ୍ତି। କଥା କ'ଣ କି ୧୯୮୨ରେ ନିର୍ମିତ 'ସତ୍ତେ ପେ ସତ୍ତା'ର ରିମେକ୍ ହେଉଛି, ଯାହାର ମେଲ୍ ଲିଡ୍‌ରେ ଦେଖାଦେବେ ହ୍ରିତିକ। ଏଥିରେ ତାଙ୍କ ସହ କିଏ ସ୍କ୍ରିନ୍ ଶେୟାର କରିବେ ସେ ନେଇ କିଛି ଫାଇନାଲ ହୋଇନାହିଁ। ହେଲେ ଶୁଣିବାକୁ ମିଳୁଛି ଯେ ଏଥିରେ ହ୍ରିତିକଙ୍କ ନାୟିକା ସାଜିବେ ଅନୁଷ୍କା ଶର୍ମା। ତାଙ୍କୁ ଏହି ଅଫର ଦିଆଯାଇଥିଲେ ମଧ୍ୟ ଏ ନେଇ ଶେଷ ନିଷ୍ପତ୍ତି ନେବାକୁ ଦୁଇ ସପ୍ତାହ ସମୟ ନେଇଛନ୍ତି ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ସେପଟେ ଅନୁଷ୍କାଙ୍କୁ କିପରି ଏହି ଫିଲ୍ମ ପାଇଁ ସାଇନ୍ କରାଯିବ ସେ ନେଇ ନିଜ ପଟରୁ ପୂରା ଦମ୍‌ରେ ଲାଗିପଡିଛନ୍ତି ହ୍ରିତିକ। ଯଦି ଏହା ସମ୍ଭବ ହୁଏ ତେବେ ଦର୍ଶକ ପ୍ରଥମ ଥର ପାଇଁ ହ୍ରିତିକ-ଅନୁଷ୍କା ଯୋଡ଼ିକୁ ଚଳଚ୍ଚିତ୍ରରେ ଦେଖିବାର ସୁଯୋଗ ପାଇବେ।



ଦେବ୍-ମନସ୍ୱିତା

# ଲାଭ୍ ଟ୍ୱିଷ୍ଟ

ପ୍ରେମର ରାସ୍ତାରେ ଚାଲିବା ଏତେ ସହଜ ନୁହେଁ। ଏହି ରାସ୍ତା ଅନେକ ଜାଗାରେ କଣ୍ଟକିତ। ପ୍ରେମ କରିବା ସମୟରେ କେତେବେଳେ ମନରେ ଖୁସିର ମାହୋଲ ସୃଷ୍ଟି ହୁଏ ତ ପୁଣି କେତେବେଳେ ଦୁଃଖ ଅବସାଦର କଳା ବାଦଲ ହଠାତ୍ ମାଡିଆସିଥାଏ। ସେପରି ପରିସ୍ଥିତି ପ୍ରେମରେ ଟ୍ୱିଷ୍ଟ ଆଣିଥାଏ। ସେପରି ଏକ ଭିନ୍ନ ଧରଣର କାହାଣୀକୁ ଚଳଚ୍ଚିତ୍ରର ରୂପ ଦିଆଯାଇଛି। ଟାଇଟଲ ରହିଛି 'ଲଭ୍ ଟ୍ୱିଷ୍ଟ'। ଏହି ସିନେମାର କାହାଣୀ, ଚିତ୍ରାନାଟ୍ୟ, ସଂଳାପ ରଚନା କରିବା ସହ ନିର୍ଦ୍ଦେଶନାର ଗୁରୁଦାୟିତ୍ୱ ତୁଲାଇଛନ୍ତି ସଚ୍ଚିଦାନନ୍ଦ ସାମଲ। ନବାଗତ ପ୍ରଯୋଜକ ଅନନ୍ତ କୁମାର ସାମଲ ଫିଲ୍ମଟିର ସଫଳତା ନେଇ ବେଶ୍ ଆଶା ରଖିଛନ୍ତି। ଖାସ୍ କଥା ହେଲା, ଏହି ଚଳଚ୍ଚିତ୍ରରେ ନବାଗତ ଯୋଡି 'ଦେବ୍-ମନସ୍ୱିତା'କୁ ବ୍ରେକ୍ ଦେଇଛନ୍ତି ପ୍ରଯୋଜକ। ଏହି ଫିଲ୍ମରେ ଅଭିନୟ କରିବା ପୂର୍ବରୁ ଭୁବନେଶ୍ୱରସ୍ଥ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରୁ ଡିଗ୍ରୀ ହାସଲ ପରେ ଦେବ୍ 'ମନର ମାନସୀ' ଟାଇଟଲ ବିଶିଷ୍ଟ ସିନେମାର ନିର୍ଦ୍ଦେଶନା ଦେଇସାରିଛନ୍ତି। ଅପରପକ୍ଷରେ ବଡ଼ ପରଦା ପାଇଁ ପ୍ରଥମ ଥର କ୍ୟାମେରା ସାମ୍ନା କରିଛନ୍ତି ନବାଗତା ମନସ୍ୱିତା। ଅନନ୍ତ ବିହାରୀ ପ୍ରଡକ୍ସନ ବ୍ୟାନରରେ ନିର୍ମିତ ଏହି ପ୍ରଥମ ସିନେମାରେ ସଂଯୋଜିତ ଗୀତଗୁଡିକୁ ରଚନା କରିଛନ୍ତି ଅରୁଣ ମନ୍ତ୍ରୀ, ବାପୁ ଗୋସ୍ୱାମୀ, ଏବଂ ଡ. ନିର୍ମଳ ନାୟକ। ସୁଶୀଲ ଦଳାଇଙ୍କ ସ୍ୱର ସଂଯୋଜନାରେ ଗୀତଗୁଡିକ ପାଇଁ କଣ୍ଠଦାନ କରିଛନ୍ତି ହ୍ୟୁମାନ ସାଗର, ଅସୀମା ପଣ୍ଡା, ବିଷ୍ଣୁ ମୋହନ କବି ଏବଂ ତାରିକ ଅଜିଜ୍। ଦେବ୍-ମନସ୍ୱିତା ଯୋଡି ବ୍ୟତୀତ ଏଥିରେ ଅଜିତ ଦାସ, ମିହିର ଦାସ, ପୁଷ୍ପା ପଣ୍ଡା, ପ୍ରଜ୍ଞା ଏବଂ କାଳୀ ପ୍ରମୁଖ କଳାକାର ଅଭିନୟ କରିଛନ୍ତି। ଫିଲ୍ମଟି ଖୁବ୍ ଶୀଘ୍ର ପରଦା ଉପରକୁ ଆସିବ ବୋଲି ସୂଚନା ଦେଇଛନ୍ତି ପ୍ରଯୋଜକ।

ପ୍ରଥମ ରୋଜଗାର

# ପ୍ରଥମ ଦରମା ଟଙ୍କାରେ ପ୍ୟାଣ୍ଟ-ଶାର୍ଟ କିଣିଥିଲି

**ଶିକ୍ଷାବିତ୍ ତଥା କବି, ନାଟ୍ୟକାର ଓ ସମାଲୋଚକ ପ୍ରଫେସର ଡ. ନୀଳାଦ୍ରି ଭୂଷଣ ହରିଚନ୍ଦନ ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...**



ଖୋର୍ଦ୍ଧା ଜିଲା ବାଣପୁର ବ୍ଲକ ଅନ୍ତର୍ଗତ ଗୋଡ଼ିଝର ଗାଁର ଏକ ପ୍ରତିଷ୍ଠିତ ପରିବାରରେ ମୋ ଜନ୍ମ। ଗାଁ ସ୍କୁଲ୍‌ରୁ ପ୍ରାଥମିକ ଶିକ୍ଷା ସମାପ୍ତ କରି ଗୋଦାବରୀଶ ବିଦ୍ୟାପୀଠରେ ପଢ଼ି ୧୯୬୩ରେ ଏକାଦଶ ଶ୍ରେଣୀ ପାସ୍ କରିଥିଲି। ତା'ପରେ ପୁରୀ ଏସ୍.ସି.ଏସ୍. କଲେଜରେ ୨ବର୍ଷ ପଢ଼ିବା ପରେ କଟକ ଖ୍ରୀଷ୍ଟ କଲେଜରେ ଓଡ଼ିଆ ଅନର୍ସ ରଖି ବି.ଏ. ପଢ଼ିଲି। ଏହାପରେ ରେଭେନ୍‌ଶାରେ ଏମ୍.ଏ. କଲି। ଏମ୍.ଏ. ପାସ୍ କରିବାର ମାତ୍ର ୨୦ ଦିନ ଭିତରେ ମୋତେ ରେଭେନ୍‌ଶା କଲେଜରେ ଓଡ଼ିଆ ଅଧ୍ୟାପକ ଭାବେ ନିଯୁକ୍ତି ମିଳିଗଲା। ୧୯୬୯ ନଭେମ୍ବର ମାସରୁ ମୋ ଚାକିରି ଜୀବନ ଆରମ୍ଭ ହୋଇଥିଲା। ମୂଳଦରମା ସହ ମହଙ୍ଗା ଭତ୍ତା ମିଶିକି ସେତେବେଳେ ୪୦୬ ଟଙ୍କା ଦରମା ମିଳୁଥିଲା। ଆମେ ୯ ଭାଇଭଉଣୀ ( ୫ ଭାଇ ଓ ୪ ଭଉଣୀ)ଙ୍କ ମଧ୍ୟରେ ମୁଁ ଥିଲି ୭ମ ନମ୍ବରରେ। ଆମ ଘରର ଚଳଣି ବି ସ୍ୱଚ୍ଛଳ ଥିଲା। ତେଣୁ ମୋ ଦରମା ଟଙ୍କା ପ୍ୟାଣ୍ଟଶାର୍ଟ କିଣା ଓ ସାଙ୍ଗସାଥୀଙ୍କ ସହ ଖାଇବାପିଇବାରେ ଖର୍ଚ୍ଚ ହେଉଥିଲା। ଏମିତି ଦେଢ ବର୍ଷ ରେଭେନ୍‌ଶାରେ ରହିବା ପରେ ଭଦ୍ରକ କଲେଜକୁ ମୋର ବଦଳି ହେଲା। ହେଲେ ସେଠାରେ ମାତ୍ର କିଛି ବର୍ଷ ଅଧ୍ୟାପନା କରିବା ପରେ ପଶ୍ଚିମବଙ୍ଗ ଶାନ୍ତିନିକେତନସ୍ଥିତ ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟରେ ଓଡ଼ିଆ ଅଧ୍ୟାପକ ଭାବେ ମୋତେ ନିଯୁକ୍ତି ମିଳିଗଲା। ସେଠାରେ କ୍ରମେ ଅଧ୍ୟାପକରୁ ପ୍ରାଧ୍ୟାପକ ଆଉ ପ୍ରଫେସର୍ ଭାବେ ପ୍ରମୋଶନ ପାଇ ଶେଷରେ ୨୦୧୦ ଅକ୍ଟୋବର ୩୧ରେ ଚାକିରିରୁ ଅବସର ନେଇଥିଲି। ଏଠାରେ ମୁଁ ଦୀର୍ଘ ୩୬ ବର୍ଷ ଅଧ୍ୟାପନା କରିଥିଲି। ଆଉ ତା'ରି ଭିତରେ 'ଓଡ଼ିଆ ନାଟକରେ ଇତିହାସର ପ୍ରତିଧ୍ୱନି' ଉପରେ ଥେସିସ୍ ଲେଖି ଉତ୍କଳ ବିଶ୍ୱବିଦ୍ୟାଳୟରୁ ୧୯୭୮ରେ ପିଏଚ୍.ଡି. ଡିଗ୍ରୀ ହାସଲ କରିବା ସହ 'ଆଧୁନିକ ଓଡ଼ିଆ ନାଟକରେ ବାସ୍ତବ ଓ ଉଦ୍ଭଟ ଚେତନା' ଉପରେ ରିସର୍ଚ୍ଚ କରି ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟରୁ ୧୯୯୨ରେ ଡି.ଲିଟ୍ ପାଇଥିଲି। ଏ ତ ଥିଲା ମୋ ପାଠପଢ଼ା ଓ ଚାକିରି ଜୀବନ କଥା। ଏହାବାଦ୍ ଲେଖାଲେଖିରେ ବି ମୋର ରୁଚି ରହିଛି। ସ୍କୁଲ୍ ପଢ଼ା ସମୟରୁ କବିତା ଲେଖୁଥିଲି। କିନ୍ତୁ ଚାକିରି କରିବା ପରେ କବିତା ସହିତ ସମାଲୋଚନା ଭିତ୍ତିକ ଲେଖା, ନାଟକ, ପ୍ରବନ୍ଧ ତଥା ଅନୁବାଦ କରିବା ଆରମ୍ଭ କଲି। ଫଳରେ ୨୦ଟି ସମାଲୋଚନା ଭିତ୍ତିକ ପୁସ୍ତକ, ୧୦ଟି କବିତା ସଂକଳନ, ୧୦ଟି ଅନୁବାଦ ପୁସ୍ତକ ଓ ୨୫ଟି ନାଟ୍ୟପୁସ୍ତକ ମୋର ପ୍ରକାଶ ପାଇସାରିଛି। ତନ୍ମଧ୍ୟରୁ ''ଭୀମ ଭୋଇଙ୍କ ସନ୍ଧାନରେ, ସ୍ୱର୍ଗାରୋହଣ, ମୁଣ୍ଡ ଉପରେ ଛାତ, କଲୁରୀ ବେଷ୍ଟ, ସତ୍ୟ ସଂଶୟ ସାଲବେଗ'' ଇତ୍ୟାଦି ନାଟ୍ୟପୁସ୍ତକକୁ ଆଧାର କରି କେତେକ ସ୍ଥାନରେ ନାଟକ ପରିବେଷଣ ମଧ୍ୟ ହୋଇଛି। ସେହିପରି ମୋର କବିତା ସଂକଳନ ଭିତରେ ''ନୀଳ ଚନ୍ଦନର ଭୁଲ୍ ଠିକଣା, ସମ୍ବୋଧନ ହୀନ, ନିର୍ବୋଧ ଲୋକର ପୃଥିବୀ, ଅଚାନକ ବୃହନଳା, ଇତିହାସ ଲେଖିବାର ମୁହୂର୍ତ୍ତ, ସମୁଦ୍ର ନିରୁତ୍ତର, ଆଉ ଗୋଟିଏ ଜନ୍ମର ଅପେକ୍ଷା, ସୌନ୍ଦର୍ଯ୍ୟ ଖୋଜି ଖୋଜି ଈଶ୍ୱର'' ଇତ୍ୟାଦି ହେଉଛି ଅନ୍ୟତମ। ଏହି ଲେଖାଲେଖି ପାଇଁ ମୋତେ ଅନେକ ପୁରସ୍କାର ଓ ସମ୍ମାନ ବି ମିଳିଛି। ଯେମିତିକି: ପ୍ରବନ୍ଧ ଓ ସମାଲୋଚନା ଭିତ୍ତିକ ଲେଖା ପାଇଁ ପ୍ରଜାତନ୍ତ୍ର ପ୍ରଚାର ସମିତି ତରଫରୁ ଝଙ୍କାର ପୁରସ୍କାର ଓ ନାଟକ ପାଇଁ ଜଷ୍ଟିସ୍ ହରିହର ମହାପାତ୍ର ବିଷୁବ ପୁରସ୍କାର, ପ୍ରବନ୍ଧ ପାଇଁ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର, ନାଟକ ପାଇଁ ଉତ୍କଳ ସାହିତ୍ୟ ସମାଜ ପୁରସ୍କାର ଓ ଆକାଶବାଣୀ କଟକ ପୁରସ୍କାର, କବିତା ପାଇଁ ଜୀବନ ରଙ୍ଗ ପୁରସ୍କାର ଓ ଗଙ୍ଗାଧର ରଥ ଫାଉଣ୍ଡେଶନ ତରଫରୁ ଭାନୁଜୀ ରାଓ କବିତା ପୁରସ୍କାର ଇତ୍ୟାଦି ଥିଲା ପ୍ରମୁଖ। ସେହିପରି ସାମଗ୍ରିକ କୃତି ପାଇଁ ଶାରଳା ସାହିତ୍ୟ ସଂସଦ ତରଫରୁ ମିଳିଛି ପଣ୍ଡିତ ଗୋଦାବରୀଶ ମିଶ୍ର ସମ୍ମାନ, ଯାହା ମୋତେ ଅନେକ ଖୁସି ଆଣି ଦେଇଛି। ତେବେ ଲେଖାଲେଖିର ଧାରା ମୋର ଏବେ ବି ଜାରି ରହିଛି। ବିଭିନ୍ନ ପତ୍ରପତ୍ରିକା ଓ ଖବରକାଗଜରେ ମଧ୍ୟ ମୋ ଲେଖା ବାହାରୁଛି। ବିଶେଷକରି ପୂଜା ବିଶେଷାଙ୍କରେ ମୋର ଅନେକ ଲେଖା ପ୍ରକାଶ ପାଉଛି। ଲେଖାଲେଖି ସହିତ ବିଭିନ୍ନ କଲେଜ, ବିଶ୍ୱବିଦ୍ୟାଳୟ ତଥା ସାଂସ୍କୃତିକ ଅନୁଷ୍ଠାନ ତରଫରୁ ଆୟୋଜିତ ହେଉଥିବା ସେମିନାରରେ ଯୋଗଦେବାକୁ ଅତିଥି ଭାବେ ଆମନ୍ତ୍ରିତ ହୋଇ ବି ଯାଉଛି। ଭଗବାନଙ୍କ କୃପାରୁ ଆଜିଯାଏଁ ସବୁ ଠିକ୍‌ଠାକ୍ ଚାଲିଛି ଆଉ ଆଗକୁ ବି ଏମିତି ସବୁ ଭଲ ରହିବ ବୋଲି ମୋର ଆଶା ଓ ବିଶ୍ୱାସ ରହିଛି। **-ଅମ୍ରିତା**

# ଚୋରା ପୀରତି ଥରୁଛି ଛାତି, ଭାବି ଭାବି ପାହି ଯାଉଛି ରାତି

ସାଥୀ



**ପ୍ରଶ୍ନ**–ମୁଁ ଜଣେ ଝିଅକୁ ଲୁଚି ଲୁଚି ଭଲ ପାଉଛି। ତାକୁ ଭାବି ଭାବି ରାତି ପାହି ଯାଉଛି। ହେଲେ ତା' ସହ କେବେ ଭେଟ ହେବ କହିବେ କି ସାଥୀ ?

*–ସରୋଜ କୁମାର, ରେଢ଼ାଖୋଲ, ସମ୍ବଲପୁର*

**ଉତ୍ତର:** ଆପଣଙ୍କ ପ୍ରଶ୍ନରୁ ଯାହା ଜଣାପଡୁଛି, ଆପଣଙ୍କ ମନ ପ୍ରେମ କରିବାକୁ ଉତାବିଳା ହେଉଛି, ହେଲେ ବାସ୍ତବତାରେ ପ୍ରେମିକାଟିଏ ମିଳୁନାହିଁ। ଭାବନା ରାଇଜରେ ଏମିତି ଅନେକ ପ୍ରେମିକା ମନକୁ ଖୁସି କରିବାକୁ ଆସିଥାଆନ୍ତି। ହେଲେ ସେପରି ଚୋରା ପୀରତିରେ କିଛି ମଜା ନ ଥାଏ। 'ଚୋରା ପୀରତି ଥରୁଛି ଛାତି, ଭାବି ଭାବି ପାହି ଯାଉଛି ରାତି।' ଲୁଚି ଲୁଚି ଭଲ ପାଇଲେ କେବଳ ମନକୁ କ୍ଷଣିକ ଆନନ୍ଦ ମିଳେ ସିନା ହେଲେ ସେ ପ୍ରେମ କ୍ଷଣସ୍ଥାୟୀ । ଭାବନା ରାଇଜରେ ନ ରହି ବାସ୍ତବ ଦୁନିଆରେ ମନଲାଖି ପ୍ରେମିକାଟିଏ ଖୋଜନ୍ତୁ। ତା'ପରେ ପ୍ରେମର ଅସଲ ମଜା ଜାଣିପାରିବେ।

**ପ୍ରଶ୍ନ**–ପ୍ରେମର ପ୍ରଥମ ପାହାଚରେ ବେଶ୍ ମଜା ଲାଗେ। ହେଲେ ଏହି ମଜା ଦୀର୍ଘସ୍ଥାୟୀ ହୁଏନା କାହିଁକି ?

*–ସନ୍ତୋଷ ସାହୁ, ଅନୁଗୋଳ*

**ଉତ୍ତର:** ପ୍ରେମର ପ୍ରଥମ ପାହାଚରେ ପାଦ ଦେଇଛନ୍ତି ଆଉ ସେ ମଜା ଅନୁଭବ କରିପାରିଛନ୍ତି। ହେଲେ ପ୍ରେମରେ ଯେମିତି ଆବିଳତା ନ ରହେ ସେଥିପ୍ରତି ନଜର ଦିଅନ୍ତୁ। ନ ହେଲେ ପ୍ରେମ ନିଶାରେ ପାଗଳ ହୋଇ ବାଟବଣା ହେଲେ ସେହି ପ୍ରେମ ଟେନସନର କାରଣ ସାଜିଥାଏ। ତେଣୁ ଏହି ରାସ୍ତାରେ ସବୁବେଳେ ଦେଖିଚାହିଁ ପାଦ ପକାନ୍ତୁ। କାରଣ ଏହି ରାସ୍ତା ଗୋଲାପ ଫୁଲ ପରି ଯେତିକି ନରମ ସେତିକି କଣ୍ଟକିତ। ତେଣୁ ପ୍ରେମ ନିଶାକୁ ସବୁବେଳେ ନିୟନ୍ତ୍ରଣରେ ରଖି ଚାଲନ୍ତୁ। ନ ହେଲେ ଏମିତି ବେଳ ଆସିବ ଦେଖିଲା ବେଳକୁ ସବୁକିଛି ଓଲଟ ପାଲଟ ହୋଇଯାଇଥିବ।

**ପ୍ରଶ୍ନ**–ପ୍ରଶ୍ନ–ଯେତେବେଳେ କଲେଜରେ ପାଦ ଦେଲି ମାସ କେଇଟା ଭିତରେ ଜଣେ ସୁନ୍ଦରୀ ପ୍ରେମରେ ପଡିଗଲି। ହେଲେ ଏବେ ସେ ଝିଅ ଧରାଛୁଆଁ ଦେଉନି। କ'ଣ କରିବି ?

*–ନାଗେଶ କୁମାର, ଆନନ୍ଦପୁର, କେନ୍ଦୁଝର*

**ଉତ୍ତର:** ଆପଣଙ୍କ ପ୍ରଶ୍ନରୁ ଯାହା ଜଣାପଡୁଛି ସେହି ପ୍ରେମରେ ଦମ୍ ନାହିଁ। କାରଣ ସବୁ ପ୍ରେମର ପହିଲି ସିଗ୍‌ନାଲ ନ ଥାଏ। ବେଳେବେଳେ ଏପରି ପରିସ୍ଥିତିରେ ପ୍ରେମ ଆରମ୍ଭ ହୁଏ ଯେ, ଆରମ୍ଭରୁ ହିଁ ତାହା ପାଣିଚିଆ ହୋଇଯାଇଥାଏ। ତେଣୁ ଆପଣଙ୍କ ପ୍ରେମରେ ନିଶ୍ଚୟ କିଛି ଏପଟ ସେପଟ ହୋଇଯାଇଛି, ଯେଉଁଥିପାଇଁ ସେ ଝିଅ ଆଉ ଧରାଛୁଆଁ ଦେଉନାହିଁ। ଯଦି ଏମିତି ହୋଇଛି ତେବେ ସେହି ପ୍ରେମକୁ ନେଇ ଆଉ ସୁନେଲି ସ୍ୱପ୍ନ ଦେଖିବା ଠିକ୍ ନୁହେଁ। ଡେରି ନ କରି ଷ୍ଟେଶନ ଚେଞ୍ଜ କରିଦିଅନ୍ତୁ। ଢେର ସମୟ ଅଛି। ମନଲାଖି ପ୍ରେମିକା ହୃଦୟରେ ଏମିତି ସ୍ଥାନଟିଏ ନିଅନ୍ତୁ ଯେମିତି ସେ ଆପଣଙ୍କୁ ଛାଡି ରହିପାରିବ ନାହିଁ।

**ପ୍ରଶ୍ନ**–କହିବେ କି ସାଥୀ, ଆଜିକାଲି କେତେକ ବିବାହିତ ମହିଳା ନିଜ ସ୍ୱାମୀ, ପିଲାଙ୍କୁ ଛାଡି ନିଜ ପ୍ରେମିକ ସହ ଚାଲିଯାଉଛନ୍ତି। ସେମାନେ ଏପରି କାହିଁକି କରିଥାଆନ୍ତି ?

*–ବିଜୁ ସାହୁ, ଖଣ୍ଡାଏତା, କଟକ*

**ଉତ୍ତର:** ଚେଇଁ ଶୋଇବ ଯିଏ ତାକୁ ଉଠାଇବ କିଏ ? ଜାଣିଶୁଣି ଯିଏ ନିଜ ଗୋଡରେ କୁରାଢ଼ି ମାରିବ ଆଉ କାହାକୁ ଦୋଷ ଦେଲେ ଯନ୍ତ୍ରଣା ଲାଘବ ହେବ କି ? ଏଭଳି ମାନସିକତାକୁ ସାଥୀ କରି ଚାଲୁଥିବା ବିବାହିତା ମହିଳା ନିଜ ଭବିଷ୍ୟତରେ ନିଜେ ନିଆଁ ଲଗାଇ ଦିଅନ୍ତି। ପରେ ଚିନ୍ତା କଲା ବେଳକୁ ନେଡି ଗୁଡ଼ କହୁଣିକୁ ବୋହି ଯାଇଥାଏ। ବାସ୍, ନିଜ କର୍ମ ଫଳ ଭୋଗିବା ଛଡା ସେମାନଙ୍କ ନିକଟରେ ଆଉ କିଛି ବାଟ ନ ଥାଏ କହିଲେ ଆଦୌ ଭୁଲ ହେବ ନାହିଁ।

ଚିନ୍ମୟ ଚିନ୍ତନ

# ହର୍ ଗୁଣ୍ ଫେଡ୍ ମିଶା..

ମନୁଷ୍ୟ ଜୀବନରେ ଲାଭ ମିଳିବ ସେତିକିବେଳେ ଯେତେବେଳେ ସେ ଗୋବିନ୍ଦଙ୍କ ଶରଣାପନ୍ନ ହେବ। ଜୀବ ମିଶିବ ପରମାତ୍ମାଙ୍କ ସହ। ତେଣୁ ଶେଷରେ ରହିଲା 'ମିଶା' ବା ମିଶାଣ। ତେବେ ଆମେ 'ହରିବା' କ'ଣ?

ଶ୍ରୀ ସନ୍ନ୍ୟାସୀ

ହର୍ ଗୁଣ୍ ଫେଡ୍ ମିଶା, ଆଉ ସବୁ ପାଠ ଫସରଫସା-ପାଠକେ! ଏ ରସାଳିଆ ପଦଟିକୁ ଆପଣ ଜୀବନକାଳ ମଧ୍ୟରେ କେଉଁଠି ନା କେଉଁଠି ନିଶ୍ଚେ ଶୁଣିଥିବେ। ବିଶେଷକରି ପାଲା ବା ସଂକୀର୍ତ୍ତନ ଗାୟକମାନେ ନିଜ କାର୍ଯ୍ୟକ୍ରମ ପରିବେଷଣ କଲାବେଳେ ଉପସ୍ଥିତ ଶ୍ରୋତାମାନଙ୍କୁ ଏ କଥା କହିଥାନ୍ତି। ମୁଁ ଏ କଥାଟି ଖୁବ୍ ପିଲାବେଳେ ମୋ ଜେଜଙ୍କଠାରୁ ପ୍ରଥମେ ଶୁଣିଥିଲି। ପ୍ରଥମ କି ଦ୍ୱିତୀୟ ଶ୍ରେଣୀରେ ପଢୁଥିବାର କଥା ଇଏ। ଅବଶ୍ୟ ଭଲ ପଢୁଥିଲି। କ୍ଲାସ୍‌ରେ ସବୁଥିରେ ଫାଷ୍ଟ। ଘରେ ସବୁବେଳେ ପଢ଼େ। ମୋ ଜେଜ ଜଣେ ବେଶ୍ ଧାର୍ମିକ ଥିଲେ। ମୋତେ ଥରେ କହିଲେ-ଆରେ ନାତିଆ, କି ପାଠ ପଢୁଛୁ କିରେ? କହିଲି- ଜେଜେ ମୁଁ ମିଶାଣ ଫେଡାଣ ହରଣ ଗୁଣନ ଓ ପଣିକିଆ ସବୁ ଶିଖିଗଲିଣି। ଜେଜ କହିଲେ ଧନରେ! ସେ ପାଠଗୁଡାକ କୋଉ କାମରେ ଆସିବ ନାହିଁରେ। କେବଳ ପେଟ ଚାଖଣ୍ଡକ ପୋଷିବା ପାଇଁ ସେ ପାଠ। ପା....ଠ.....। ଅର୍ଥାତ ଶୂନ୍ (0)କୁ ପାଅ। ଏ ପାଠ ହେଉଛି ଅବିଦ୍ୟା। ଅସଲ ପାଠ ହେଉଛି ବିଦ୍ୟା। ଏହା ଆମକୁ ମୁକ୍ତି ଦିଏ।

ମୁଁ ଆଖି ତରାଟି ଜେଜଙ୍କ ମୁହଁକୁ ଚାହିଁଲି। ଆଉ ଗୋଟେ କ'ଣ 'ବିଦ୍ୟା' ବୋଲି ଜିନିଷ ଅଛି! ଶ୍ରେଣୀରେ ସାର୍ ତ କହୁଥିଲେ-ପିଲାଏ! ତୁମେ ଯାହା ପଢୁଛ ତାହା ହେଉଛି 'ବିଦ୍ୟା'। ତାହାକୁ ମନ ଲଗାଇ ପଢ଼ିବ। ତେବେ ଅସଲ 'ବିଦ୍ୟା' କ'ଣ?- ଜେଜେଙ୍କୁ ପଚାରିଲି। ସେଦିନ ମୋ ସରଳିଆ ମୁଣ୍ଡକୁ ବୁଝାଇବାକୁ ଯାଇ ଜେଜ କହିଥିଲେ-ହର ଗୁଣ ଫେଡ୍ ମିଶା, ଆଉ ସବୁ ପାଠ ଫସରଫସା।

'ମୋର ତ ଏଗୁଡାକ ସବୁ ହୋଇଯାଇଛି'। ଜେଜ କହିଲେ, ନାଇଁରେ ନାତି, ହର ଗୁଣ ଫେଡ୍ ମିଶା କହିଲେ ତୁ ଯୋଉ ହରଣ, ଗୁଣନ, ଫେଡାଣ, ମିଶାଣ କରୁଛୁ, ଯେ ତା ନୁହେଁ। ଏହା ହେଉଛି ମାନବ ଜୀବନର ସବୁଠାରୁ



ବଡ଼ କଥା। ଏ ପାଠ ପଢ଼ିଲେ ଈଶ୍ୱର ମିଳନ୍ତି। ଆଉ ଟିକେ ବଡ଼ ହ, ସବୁ ବୁଝିପାରିବୁ।

ଏଇ କିଛିଦିନ ତଳେ ପାଲାର ସୁବର୍ଣ୍ଣ ଜୟନ୍ତୀ ମହୋତ୍ସବ ଉପଲକ୍ଷେ ଅତିଥି ହୋଇ ଏକ ମଞ୍ଚକୁ ଯାଇଥିଲି। ସଭା ପରେ ବାଦୀ ପାଲା ଆରମ୍ଭ ହେଲା। ପ୍ରଥମ ଥାକ ଗାୟକ ତାଙ୍କ ପରିବେଷଣରେ ପ୍ରଥମେ ଏଇ ପଦରୁ ହିଁ ଆରମ୍ଭ କଲେ। ସେତେବେଳେ ମୋ ଜେଜଙ୍କ କଥା ମନେପଡ଼ିଗଲା।

ପାଠକେ! ଅସଲ କଥାଟି କହିବାକୁ ଯାଇ ମୁଁ କୁଆଡେ ପଶିଗଲିଣି। ବାସ୍ତବରେ କ'ଣ ସେ ପଦର ବ୍ୟାଖ୍ୟାନ? ତା ଭିତରେ କେଉଁ ଆଧାତ୍ମିକ ଚିନ୍ତାଧାରା ଅଛି? କ'ଣ ହରଣ କରିବା, କାହାକୁ ଗୁଣିବା, କେମିତି ଫେଡିବା, କାହା ସହିତ ମିଶିବା? କ'ଣ... କ'ଣ ଏ ସବୁର ଅନ୍ତରାର୍ଥ।

ଆମ ରାଇଜର ପରମ ଭାଗବତ ମହାପୁରୁଷମାନେ ବହୁ ପ୍ରକାରେ ଏହାର ଭିନ୍ନ ଭିନ୍ନ ଅର୍ଥ ବାହାର କରିଛନ୍ତି।

ମନୁଷ୍ୟ ଜୀବନରେ ଲାଭ ମିଳିବ ସେତିକିବେଳେ ଯେତେବେଳେ ସେ ଗୋବିନ୍ଦଙ୍କ ଶରଣାପନ୍ନ ହେବ। ଜୀବ ମିଶିବ ପରମାତ୍ମାଙ୍କ ସହ। ତେଣୁ ଶେଷରେ ରହିଲା 'ମିଶା' ବା ମିଶାଣ। ତେବେ ଆମେ 'ହରିବା' କ'ଣ? ପାଠକେ ଆମ ଭିତରେ ଥୋକାଏ ଅଛନ୍ତି, ଯେଉଁମାନେ ସର୍ବଦା ଅନ୍ୟର ନିନ୍ଦା କରିବାରେ ମାହିର୍। ତାଙ୍କ ଆଖିକୁ ଅନ୍ୟମାନଙ୍କ ଭଲ ଗୁଣ ଆଦୌ ଦେଖାଯାଏ ନା। ଏ ଧରଣର ଲୋକ ଆଧାତ୍ମିକ ସଡ଼କରେ ଜମା ଚାଲିପାରିବେ ନାହିଁ। ଆଧାତ୍ମିକ ରାଇଜରେ ପ୍ରବେଶ କରିବାର ପ୍ରଥମ ଯୋଗ୍ୟତା ହେଉଛି-ଭଲ ଦେଖ। କାହାର କୁତ୍ସାରଟନା କରନା। ଅନ୍ୟର ଭଲ ଗୁଣକୁ ଆହରଣ କର। ହରଣ କର। ଏହା ହେଉଛି 'ହର୍'ର କଥା।

'ଗୁଣ' ମାନେ ? ସର୍ବଦା ଈଶ୍ୱରଙ୍କ ଗୁଣ କୀର୍ତ୍ତନ କର। ଗୀତାରେ କୁହାଗଲା-ତସ୍ମାତ୍ ସର୍ବେଷୁ କାଳେଷୁ ମାମନୁସ୍ମର ଯୁଦ୍ଧ୍ୟ ଚ। ମୋତେ ସର୍ବଦା ସ୍ମରଣ କର। ସ୍ମରଣ ମାନେ ହେଉଛି 'ଗୁଣିବା'।

ବାକି ରହିଲା 'ଫେଡ୍'। ଫେଡ୍ ମାନେ ଫେଡାଣ। ବିଯୁକ୍ତ କରିବା। ମାଇନସ୍ କରିବା। ନିଜ ଭିତରେ ଯେଉଁ ମୋହ ବା ଆସକ୍ତି ଅଛି ତାକୁ ଫେଡ। ମୋହବିମୁକ୍ତ ହୁଅ।

ହର- ଅନ୍ୟର ଭଲ ଗୁଣକୁ ହରଣ କର।

ଗୁଣ- ଈଶ୍ୱରଙ୍କ ଗୁଣଗାନ କର।

ଫେଡ୍- ମୋହ ମାୟା ବା ଆସକ୍ତି ପରିତ୍ୟାଗ କର।

ମିଶା- ଉପରୋକ୍ତ ତିନୋଟି କାମ କଲେ ଶେଷରେ ପରମାତ୍ମାଙ୍କ ସହ ଜୀବର ମିଶାଣ ବା ଯୁକ୍ତ ହେବ।

ପାଠକେ କଥାଟି ମନକୁ ପାଇଲା ତ?

-ଦିବ୍ୟାଲୋକ ସନ୍ଧାନେ, କଟକ

# ଏମିତି ବିଶ୍ୱାସ: ଗଛରେ ପଘା ବାନ୍ଧନ୍ତି ମାନସିକଧାରୀ

**କୌଣସି ବ୍ୟକ୍ତିଙ୍କ ଗୋରୁ ହଜିଯାଇଛି, ତେବେ ମା'ଙ୍କୁ ପୂଜାକରି ଏହି ଗଛରେ ଏକ ପଘାବାନ୍ଧିଲେ କୁଆଡ଼େ ହଜିଯାଇଥିବା ଗୋରୁ ଘରକୁ ଫେରୁଥିବାର ବିଶ୍ୱାସ କରନ୍ତି ଗାଁର ଲୋକମାନେ। କାଳକ୍ରମେ ଲୋକଙ୍କ ସହଯୋଗରେ ସେହି ସ୍ଥାନକୁ ଏକ ପକ୍କା ରାସ୍ତା ନିର୍ମାଣ କରାଯିବା ସହ ଠାକୁରାଣୀଙ୍କ ବିଜେସ୍ଥଳକୁ ବିକଶିତ କରାଯାଇଅଛି।**

ଖୋର୍ଦ୍ଧା ଜିଲା ଜଟଣୀ ବ୍ଲକ ଛତାବର ଗ୍ରାମପଞ୍ଚାୟତ ଅଧୀନ ଦୁର୍ଗାପୁରରେ ଦେଖିବାକୁ ମିଳେ ଲୋକବିଶ୍ୱାସର ଏକ ନିଆରା ପରମ୍ପରା। ଭୁବନେଶ୍ୱରରୁ ଖୋର୍ଦ୍ଧା ଅଭିମୁଖେ ୧୬ନଂ. ଜାତୀୟ ରାଜପଥରେ ଯିବାବେଳେ ତମାଣ୍ଡୋ ନିକଟ ଗୋହିରା-ଛତାବର ରାସ୍ତାକଡ଼ରେ ଦେଖିବାକୁ ମିଳେ ତାଉରଙ୍ଗ ଗଛ। ଏହାର ଚାରିପାଖରେ ଅନେକ ଛୋଟବଡ଼ ଗଛ ରହିଛି। ଏଠାରେ ଥିବା ଏକ ଗଛମୂଳରେ ପୂଜା ପାଉଛନ୍ତି ମା'କାମାକ୍ଷା ଠାକୁରାଣୀ। ଏହି ଗଛର ବିଭିନ୍ନ ଡାଳରେ କେତେକ ମାନସିକଧାରୀ ବାନ୍ଧନ୍ତି ପଘା। ଏହି ପୀଠରେ ଏପରି କାର୍ଯ୍ୟ ବର୍ଷତମାମ ଦେଖିବାକୁ ମିଳିଥାଏ । ଯଦି କୌଣସି ବ୍ୟକ୍ତିଙ୍କ ଗୋରୁ ହଜିଯାଇଛି, ତେବେ ମା'ଙ୍କୁ ପୂଜାକରି ଏହି ଗଛରେ ଏକ ପଘାବାନ୍ଧିଲେ କୁଆଡ଼େ ହଜିଯାଇଥିବା ଗୋରୁ ଘରକୁ ଫେରୁଥିବାର ବିଶ୍ୱାସ କରନ୍ତି ଗାଁର ଲୋକମାନେ। ଏପରି



ବିଶ୍ୱାସ ପଛରେ ରହିଥିବା କଥା ସମ୍ପର୍କରେ କେତେକେ କୁହନ୍ତି - ଗାଁ ଲୋକଙ୍କଠାରୁ ଶୁଣିବାକୁ ମିଳେ ଯେ, ବହୁବର୍ଷ ପୂର୍ବେ ଉକ୍ତ ଅଞ୍ଚଳଟି ଘଞ୍ଚ ଜଙ୍ଗଲରେ ପରିପୂର୍ଣ୍ଣ ଥିଲା। କାଳକ୍ରମେ ଲୋକଙ୍କ ସହଯୋଗରେ ସେହି ସ୍ଥାନକୁ ଏକ ପକ୍କା ରାସ୍ତା ନିର୍ମାଣ କରାଯିବା ସହ ଠାକୁରାଣୀଙ୍କ ବିଜେସ୍ଥଳକୁ ବିକଶିତ କରାଯାଇଅଛି। ସେହି ଠାକୁରାଣୀଙ୍କୁ ଦୀର୍ଘଦିନ ଧରି ଦୁର୍ଯ୍ୟୋଧନ ପରିଡ଼ା ନାମକ ଜଣେ ବ୍ୟକ୍ତି ପୂଜାର୍ଚ୍ଚନା କରିଆସୁଥିଲେ। ମାତ୍ର ଏବେ ବାର୍ଦ୍ଧକ୍ୟ କାରଣରୁ ତାଙ୍କ ପରିବାରର ଅନ୍ୟ ସଦସ୍ୟ ଦୈନନ୍ଦିନ ପୂଜାର୍ଚ୍ଚନା ବଜାୟ ରଖିଛନ୍ତି। କିନ୍ତୁ ବର୍ଷର କେତେକ ନିର୍ଦ୍ଦିଷ୍ଟ ଦିନରେ ଠାକୁରାଣୀଙ୍କ ପୀଠରେ ସ୍ୱତନ୍ତ୍ର ପୂଜାବିଧି ପାଳିତ ହୋଇଥାଏ। ଏହି ଗଛର ରହସ୍ୟ ସମ୍ପର୍କରେ ଅରୁଣ ପରିଡ଼ା କୁହନ୍ତି- ବହୁବର୍ଷ ତଳେ ଠାକୁରାଣୀଙ୍କ ପୀଠ ନିକଟସ୍ଥ ଏକ ପ୍ରାକୃତିକ ନାଳରୁ ଲୋକମାନେ ଚୂନପଥର ସଂଗ୍ରହ କରୁଥିଲେ। ସେଠାରେ ଏକ ଚୂନଭାଟି ମଧ୍ୟ ରହିଥିଲା। ସେବେଠାରୁ ଦୁର୍ଯ୍ୟୋଧନ ଏହି ବୃକ୍ଷକୁ ପୂଜା କରିଆସୁଥିଲେ। ପରବର୍ତ୍ତୀ ସମୟରେ ଠାକୁରାଣୀଙ୍କୁ ପୂଜାର୍ଚ୍ଚନା ଓ ପ୍ରାର୍ଥନା କରି ସାନ୍ନିଧ୍ୟ ଲାଭ କରିଥିଲେ। ତେଣୁ ଏପରି ବିଶ୍ୱାସରେ ଅନୁପ୍ରାଣିତ ହୋଇ କେହି କେହି ମାନସିକକରି ଉକ୍ତ ଗଛରେ ପଘା ବାନ୍ଧୁଥିବାରୁ ଏହି ସ୍ଥାନ ଅନେକଙ୍କ ପାଇଁ ନିଆରା ପରମ୍ପରା ସୃଷ୍ଟି କରିଛି। ତେବେ ଏପରି ଗୁଜବରେ କ'ଣ ସତ୍ୟତା ରହିଛି, ତାହା ଜାଣିବା ପାଇଁ ଅନେକଙ୍କ ମନରେ ଉତ୍ସୁକତା ସୃଷ୍ଟି ହୋଇଥାଏ।

-ବନବିହାରୀ ବେହେରା
କମଳାକାନ୍ତ ବେହେରା

## ମଡେଲ ମିରର୍



ଜ୍ୟୋତିର୍ମୟୀ

**ସୂଚନା**

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

ଆପଣଙ୍କ ଫଟୋ ମଡେଲ ମିରରରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୨୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧
ଫଟୋ ସୌଜନ୍ୟ: ମାନସ ରଞ୍ଜନ ଜେନା

## ହାଃ ହାଃ

### ଅପରେଶନ


ଅପରେଶନ ପରେ ଉଠି ରୋଗୀ ଜଣେ ବ୍ୟକ୍ତିଙ୍କୁ- ଡାକ୍ତର ସାହେବ, ମୁଁ କ'ଣ ଏବେ ସମ୍ପୂର୍ଣ୍ଣ ସୁସ୍ଥ ?
ବ୍ୟକ୍ତି- ଡାକ୍ତର ତ ପୃଥିବୀ ଲୋକରେ ରହିଗଲେ। ମୁଁ ଚିତ୍ରଗୁପ୍ତ।

### ପୋଡ଼ିଗଲା


ସ୍ତ୍ରୀ ସ୍ୱାମୀଙ୍କୁ-ହେଇଟି ଶୁଣୁଛ..ଆଇରନ୍ କରୁ କରୁ ତମ ନୀଳରଙ୍ଗର ଶାର୍ଟଟା ପୋଡ଼ିଗଲା।
ସ୍ୱାମୀ- ହଉ, କିଛି କଥା ନାହିଁ। ସେଇଭଳି ଆଉ ଗୋଟେ ଶାର୍ଟ ମୋର ଅଛି।
ସ୍ତ୍ରୀ- ମୁଁ ଜାଣିଛି। ସେଇଥିପାଇଁ ତ ସେଇ ଭଳ ଶାର୍ଟରୁ କପଡ଼ା କାଟି ମୁଁ ପୋଡ଼ା ଶାର୍ଟରେ ପ୍ୟାଚ୍ ପକେଇ ଦେଇଛି।

### ରାଇମ୍ସ

ପପୁ କାନ୍ଦୁଥାଏ। ଏହା ଦେଖି ମା'- କାହିଁକି କାନ୍ଦୁଛୁ ?
ପପୁ-ବାପା ମତେ ଉମା ଦେଲେନି।
ମା'- ତୁ ରାଇମ୍ସ ଠିକ୍‌ରେ କହି ନ ଥିଲୁ ତ ସେଥିପାଇଁ ଦେଲେନି।
ପପୁ- ଓଃ। ଆମ କାମବାଲୀ ଆଣ୍ଟିକୁ ବୋଧେ ରାଇମ୍ସ ଆସେ।



# ବେଲଖଣ୍ଡିର ଧବଳେଶ୍ୱର ପୀଠ



**ତେଲ ନଦୀ ଓ ଉତ୍ତେଇ ନଦୀର ସଂଗମସ୍ଥଳରେ ଏହି ପବିତ୍ର ପୀଠ ଅବସ୍ଥିତ। ଏଠାରେ ପୂଜା ପାଉଥିବା ଶିବଲିଙ୍ଗ ହେଉଛନ୍ତି ସ୍ୱୟମ୍ଭୁ। ପ୍ରତ୍ୟକ୍ଷ ଦେବତା ଭାବେ ତାଙ୍କର ରହିଛି ଅନେକ ଖ୍ୟାତି...**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅଧୀନ ବେଲଖଣ୍ଡିଠାରେ ରହିଛି ଐତିହାସିକ ଧବଳେଶ୍ୱର ପୀଠ। ସ୍ଥାନୀୟ ତେଲ ନଦୀ ଓ ଉତ୍ତେଇ ନଦୀର ସଂଗମସ୍ଥଳରେ ଏହି ପବିତ୍ର ପୀଠ ଅବସ୍ଥିତ। ଏଠାରେ ପୂଜା ପାଉଥିବା ଶିବଲିଙ୍ଗ ହେଉଛନ୍ତି ସ୍ୱୟମ୍ଭୁ। ପ୍ରତ୍ୟକ୍ଷ ଦେବତା ଭାବେ ତାଙ୍କର ରହିଛି ଅନେକ ଖ୍ୟାତି। ଖାସ୍ ସେଥିପାଇଁ ବର୍ଷସାରା ଏଠାରେ ଭକ୍ତଗଣଙ୍କର ଭିଡ଼ ଲାଗି ରହିଥାଏ।

## ଇତିହାସ

ବେଲଖଣ୍ଡି ଧବଳେଶ୍ୱରଙ୍କ ଆବିର୍ଭାବକୁ ନେଇ ବହୁ ଲୋକ ଭିନ୍ନ ଭିନ୍ନ ମତ ଦେଇଥାନ୍ତି। ତେବେ ପୁରାଣ ପୃଷ୍ଠା ଓଲଟାଇଲେ ଜଣାଯାଏ, ପଞ୍ଚମ-ଷଷ୍ଠ ଖ୍ରୀଷ୍ଟାବ୍ଦ ସମୟରେ ସମଗ୍ର କଳାହାଣ୍ଡି ଜିଲାର ଚତୁଃପାର୍ଶ୍ୱରେ ଘଞ୍ଚ ଜଙ୍ଗଲ ପରିବେଷ୍ଟିତ ହୋଇ ରହିଥିଲା। ଆଉ ବେଲଖଣ୍ଡି ନିକଟସ୍ଥ ତାଳଭଅଁରା ଗ୍ରାମରେ ଗୌଣ୍ଡିଆ ସମ୍ପ୍ରଦାୟର ଲୋକେ ବସବାସ କରୁଥିଲେ। ସେମାନଙ୍କର ଅନେକ ଗାଈ, ବଳଦ, ମଇଁଷି, ଛେଳି, ମେଣ୍ଢା ଇତ୍ୟାଦି ଥିଲେ। ପ୍ରତିଦିନ ଗାଈ ଚରାଳିମାନେ ନିକଟସ୍ଥ ତେଲ ଓ ଉତ୍ତେଇ ନଦୀର ସଂଗମସ୍ଥଳରେ ଥିବା ଚାରଣଭୂମିକୁ ଗାଈମାନଙ୍କୁ ଚରାଇବାକୁ ନେଉଥିଲେ। ସେହି ଗାଈଗୋଠ ମଧ୍ୟରୁ ସବୁଠୁ ଅଧିକ କ୍ଷୀର ଦେଉଥିବା କାଳିଗାଈଟି ହଠାତ୍ କ୍ଷୀର ଦେବା ବନ୍ଦ କରିଦେଲା। ଏହାର କାରଣ କ'ଣ ତାହା ଲକ୍ଷ୍ୟ କରିବାରୁ ଜଣାଗଲା ପ୍ରତିଦିନ ଉକ୍ତ କାଳିଗାଈଟି ଘାସ ଚରି ସାରି ଗୋଠରୁ ବାହାରି ନଦୀକୂଳ ନିକଟବର୍ତ୍ତୀ ଏକ ସମତଳ ଜାଗାକୁ ଯାଇ ଠିଆ ହେଉଛି। ଆଉ ତା'ର ସ୍ତନରୁ ସ୍ୱତଃପ୍ରବୃତ୍ତ ଭାବରେ କ୍ଷୀର ଝରି ଏକ ପ୍ରସ୍ତର ଉପରେ ପଡୁଛି। ଏକଥା ଦେଖି ଗାଈ ଜଗୁଆଳି ଆଶ୍ଚର୍ଯ୍ୟ ହୋଇଯିବା ସହ ନିକଟକୁ ଯାଇ ଦେଖିଲେ ଚିକ୍ ଚିକ୍ କଳା ପ୍ରସ୍ତର ଉପରେ କ୍ଷୀର ବୋହିଯାଇ ତାହା ଧବଳ ବର୍ଣ୍ଣ ଧାରଣ କରିଛି ଆଉ ସେଠାରେ ସଦ୍ୟ କନିୟର ଫୁଲ ଓ ବେଲପତ୍ର ମଧ୍ୟ ପଡିଛି। ଏକଥା ଧୀରେ ଧୀରେ ପ୍ରଘଟ ହୋଇ ତତ୍କାଳୀନ ରାଜାଙ୍କ କାନକୁ ଗଲା। ରାଜା ମଧ୍ୟ ସ୍ୱଚକ୍ଷୁରେ ଏ ସମସ୍ତ ଘଟଣା ଦେଖି ଆଶ୍ଚର୍ଯ୍ୟ ହେଲେ। ପରେ ରାଜାଙ୍କୁ ସ୍ୱପ୍ନାଦେଶ ହେଲା। ସ୍ୱପ୍ନାଦେଶ ଅନୁସାରେ ରାଜା ସ୍ଥାନୀୟ ଅଧିବାସୀମାନଙ୍କ ସାହାଯ୍ୟରେ ନିର୍ଦ୍ଦିଷ୍ଟ ସ୍ଥାନକୁ ଖନନ କରି ସେଠାରୁ ତ୍ରିକୋଣକାୟ ଭୂମିରେ ବିରାଟକାୟ ଶିବଲିଙ୍ଗଙ୍କୁ ଉଦ୍ଧାର କଲେ। ପରେ ତାଙ୍କୁ ଶ୍ରୀ ଧବଳେଶ୍ୱର ନାମରେ ନାମିତ କରି ସେଠାରେ ଏକ ମନ୍ଦିର ନିର୍ମାଣ ହେଲା ଆଉ ତାଙ୍କର ପୂଜାର୍ଚ୍ଚନା କରାଗଲା।

## ପର୍ବପର୍ବାଣି

ଏହି ମନ୍ଦିରରେ ସକାଳେ ଓ ସନ୍ଧ୍ୟାରେ ନୀତିନିୟମ ଅନୁସାରେ ପୂଜା ହୋଇଥାଏ। ମହାଶିବରାତ୍ରି ହେଉଛି ଏଠାକାର ଏକ ପ୍ରମୁଖ ପର୍ବ। ପ୍ରତି ବର୍ଷ ୭ଦିନ ଧରି ଏହି ପର୍ବ ଏଠାରେ ପାଳିତ ହୋଇଥାଏ। ସେ ସମୟରେ ସ୍ଥାନୀୟ କେତେକ ଅନୁଷ୍ଠାନ ତରଫରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥାଏ। ଅନ୍ୟପକ୍ଷେ ଦଶହରା ପର୍ବ ବି ଏଠାରେ ବେଶ୍ ଧୁମ୍‌ଧାମ୍‌ରେ ପାଳିତ ହୋଇଥାଏ। କାରଣ ଉକ୍ତ ମନ୍ଦିର ପରିସରରେ ଶକ୍ତିପୀଠ ଭାବେ ଏକ ଚଣ୍ଡୀ ମନ୍ଦିର ରହିଛି। ତା'ଛଡ଼ା ବିବାହ, ହୋମ, ଯଜ୍ଞ, ପୁରାଣ ପାଠ, ଚଣ୍ଡୀପୂଜା, ଜଳାଭିଷେକ, ଗୋହତ୍ୟା ପ୍ରାୟଶ୍ଚିତ ଆଦି କର୍ମ ବି ଏଠାରେ କରାଯାଇଥାଏ। ସେହିପରି ଶ୍ରାବଣ ମାସରେ ଶିବଭକ୍ତ କାଉଡିଆମାନେ ହଜାର ହଜାର ସଂଖ୍ୟାରେ ଆସି ଏଠାରେ ଜଳାଭିଷେକ କରିଥାନ୍ତି।

## ମନ୍ଦିର ପରିସର

ଏହି ଶୈବପୀଠ ପରିସରରେ ବେଲଗଛ, ତୁଳସୀ, ଅଁଳା, ନିମ୍ବ, ବରଗଛ, ତେନ୍ତୁଳିଗଛ, ଆମ୍ବ, ପଣସ, କଦଳୀ, ରାଧାଚୂଡ଼ା, ଡୁମେରଗଛ, କାଠଚମ୍ପା, ମନ୍ଦାର, କନିୟର, ଅରଖ, ଦୁଦୁରା ଇତ୍ୟାଦି ମୂଲ୍ୟବାନ ଗଛ ଭରପୂର ହୋଇ ରହିଛି। ସେହିପରି ବିଭିନ୍ନ ପର୍ବପର୍ବାଣି ସମୟରେ ସ୍ୱତନ୍ତ୍ର ରୋଷେଇ କରିବା ପାଇଁ ଏକ ରୋଷ ଘର, ଭକ୍ତମାନେ ବସି ପ୍ରସାଦ ସେବନ କରିବା ପାଇଁ ଆନନ୍ଦବଜାର ମଧ୍ୟ ଏଠାରେ ଅଛି। ତା'ଛଡ଼ା ମୁଖ୍ୟ ମନ୍ଦିରର ପୂର୍ବ ଦିଗରେ ବିଭିନ୍ନ ପ୍ରକାର ଦୋକାନ ବି ରହିଛି, ଯେଉଁଠାରୁ ଭକ୍ତଗଣ ପୂଜା ସାମଗ୍ରୀ ଜିନିଷ ସୁଲଭ ଦରରେ କିଣିପାରିବେ। ଭକ୍ତମାନଙ୍କ ବିଶ୍ରାମ ପାଇଁ ଏଠାରେ ଏକ ଆଶ୍ରୟସ୍ଥଳୀ ବି ରହିଛି। ଅନ୍ୟ ଏକ ଆଶ୍ରୟସ୍ଥଳୀ ନିର୍ମାଣାଧୀନ ଅବସ୍ଥାରେ ଅଛି।

## କେବେ ଯିବେ

ଏଠାକୁ ବର୍ଷର ଯେ କୌଣସି ସମୟରେ ଯାଇହେବ। ଖାସ୍‌କରି ମହାଶିବରାତ୍ରି, ଦଶହରା ତଥା ବିଭିନ୍ନ ପର୍ବପର୍ବାଣି ସମୟରେ ଗଲେ ପ୍ରଭୁଙ୍କର ସ୍ୱତନ୍ତ୍ର ପୂଜାବିଧି ଓ ସାଜସଜ୍ଜା ଦେଖିବାର ସୌଭାଗ୍ୟ ମିଳିବ। କିନ୍ତୁ ବର୍ଷାଦିନେ ବନ୍ୟା ପରିସ୍ଥିତି ଉପୁଜିଲେ ଏଠାକୁ ଯିବା ସମ୍ଭବ ହୋଇ ନ ଥାଏ। କାରଣ ଏହି ମନ୍ଦିରଟି ଯେହେତୁ ଦୁଇଟି ନଦୀର ସଂଗମସ୍ଥଳୀରେ ଅବସ୍ଥିତ, ତେଣୁ ବନ୍ୟା ହେଲେ ଏହା ଯୋଗାଯୋଗରୁ ବିଚ୍ଛିନ୍ନ ହୋଇଯାଏ। ଏପରକି ମନ୍ଦିର ପରିସର ମଧ୍ୟ ଜଳମଗ୍ନ ହୋଇଯାଏ। ସେଥିପାଇଁ ଏହି ମନ୍ଦିରରେ ଥିବା କେତୋଟି ମୂଲ୍ୟବାନ ମୂର୍ତ୍ତିକୁ କିଛିବର୍ଷ ପୂର୍ବେ ଉଦ୍ଧାର କରି ଭବାନୀପାଟଣାସ୍ଥିତ ମାଣିକପୁରୀଠାରେ ରଖାଯାଇଛି।

## କେମିତି ଯିବେ

ଏଠାକୁ ଯିବାକୁ ହେଲେ କେସିଙ୍ଗାରୁ ସିଧାସଳଖ ବସ୍ କମ୍ବା ଅନ୍ୟ ଯେକୌଣସି ମୋଟର ଯାନରେ ଯାଇହେବ। କେସିଙ୍ଗାରୁ ଏହି ଶୈବପୀଠ ପ୍ରାୟ ୩୫ କି.ମି.। ସେହିପରି ଏମ୍.ରାମପୁରରୁ ବି ସଡ଼କପଥରେ ଏଠାକୁ ଯିବାର ସୁବିଧା ରହିଛି।

**—ଡୁମେଶ୍ୱର ସାହୁ, କେସିଙ୍ଗା**




















# ଫୋଲ୍ଡ୍ ହୋଇପାରୁଥିବା ଇ-ବାଇକ୍

ବଢ଼ିଚାଲିଥିବା ପ୍ରଦୂଷଣକୁ ରୋକିବା ଲାଗି ଏବେ ଇ-ବାଇକ୍ ଓ କାର୍‌କୁ ଗୁରୁତ୍ୱ ଦିଆଯାଉଛି। ଏହାର ବ୍ୟବହାର ଯେମିତି ବହୁଳଭାବେ ହେବ ସେଥିପାଇଁ ସରକାର ମଧ୍ୟ ବିଭିନ୍ନ ଯୋଜନା କରୁଛନ୍ତି। ଏବେକାର ଏହି ଆବଶ୍ୟକତାକୁ ନଜରରେ ରଖି 'ସ୍କାଡୋ ଲାବ୍ସ' ନାମକ ଏକ ପ୍ରାଇଭେଟ୍ ଲି. କମ୍ପାନୀ ନିର୍ମାଣ କରିଛି ଏକ ସ୍ୱତନ୍ତ୍ର ଧରଣର ଇ-ବାଇକ୍। ଏହି କମ୍ପାନୀର ପ୍ରତିଷ୍ଠାତା ହେଉଛନ୍ତି କେରଳ କୋଚିର ମିଧୁନ ଶଙ୍କର, ଆଶିନ୍ ଆଲ ଓ ଜିସ୍ନୁ ପି. ନାମକ ଇଞ୍ଜିନିୟର। ଏମାନେ ତିଆରି କରିଥିବା ଏହି ବାଇକ୍ କିନ୍ତୁ ଅନ୍ୟ ଇ-ବାଇକ୍‌ଠାରୁ ଭିନ୍ନ। କାରଣ ଏହା ଫୋଲ୍ଡେବଲ୍। ଆଉ ଏହାକୁ ଆରାମରେ ଫୋଲ୍ଡ୍ କରି ଆପଣ କାର୍ ହେଉକି ଅଟୋରେ ନେଇପାରିବେ। ଏହାପାଇଁ ସର୍ଭିସ୍ କିମ୍ବା ଚାର୍ଜିଂ ଷ୍ଟେଶନର ଆବଶ୍ୟକତା ନ ଥାଏ। ଏହାକୁ ଘରେ ଚାର୍ଜ କରିହେବ। ଏହାର ବ୍ୟାଟେରି ଆଲୁମିନିୟମ ଓ ଆଲୟୋ ଫ୍ରେମ୍‌ରେ ତିଆରି ହୋଇଛି, ଯାହାକୁ ବାଇକ୍‌ରୁ ବାହାରକରି ଚାର୍ଜ କରିହେବ। ଆଲୁମିନିୟମରେ ତିଆରି ହୋଇଥିବାରୁ ଏହାକୁ ବର୍ଷା ସମୟରେ ବି ଚଳାଇ ହୁଏ। ପେଡାଲ ମାରି, ପେଡାଲ ସହ ଚାର୍ଜକୁ ବ୍ୟବହାର କରି ଏବଂ ସମ୍ପୂର୍ଣ୍ଣ ବିଦ୍ୟୁତ୍‌କୁ ବ୍ୟବହାର କରି, ଏମିତି ତିନି ପ୍ରକାରରେ ଏହାକୁ ଚଳାଇହୁଏ। ଏହି ତିନିଜଣ ଇଞ୍ଜିନିୟରଙ୍କୁ ଉକ୍ତ ବାଇକ୍ ତିଆରି କରିବା ପାଇଁ ତିନିବର୍ଷ ଲାଗିଥିଲା। ଅନେକ ପରିଶ୍ରମ ଓ ବିଫଳତା ପରେ ସେମାନେ ଏହାକୁ ତିଆରି କରିବାରେ ସଫଳ ହୋଇଥିଲେ।

## କାର୍ଟୁନ କର୍ନର





ଅରୁଣ ବାରିକ



ଅରୁଣ ନାୟକ

# ଦୁଇ ଅରୁଣ

ଓଡ଼ିଆ ଯାତ୍ରା ଜଗତର ଦୁଇ ସ୍ୱନାମଧନ୍ୟ ନାଟ୍ୟକାର ଅରୁଣ ବାରିକ ଓ ଅରୁଣ ନାୟକ। ନାଟକ ଲେଖିବା ଏମାନଙ୍କର ପ୍ରାୟତଃ ଏକ ନିଶା। ପ୍ରତିବର୍ଷ ଏମାନେ ଶବ୍ଦରେ ଦର୍ଶକଙ୍କ ମନୋରଞ୍ଜନ କରନ୍ତି। କୁଳାଙ୍ଗାର, ଘୁଙ୍ଗୁର କାନ୍ଦୁଛି, କହଲୋ ବଉଳ କିଏ ତୋ ବର, ମିଛୁଆ ରାଧୁଆ ଗପ ସରିଲା, ଗଙ୍ଗା ପାପକଲେ ଧୋଇବ କିଏ, ମୁଁ ସେଇ ଭଦ୍ରକିଆ ଟୋକା ଭଳି ଅପେରା ନାଟକର ନାଟ୍ୟକାର ହେଉଛନ୍ତି ଅରୁଣ ବାରିକ। ଅରୁଣ ନାୟକଙ୍କ କଲମରୁ ଝରିଛି ବାଜିବଲୋ ସାହାନାଇ, ମୃତ୍ୟୁଦଣ୍ଡ ତଥା ସୀତାର ଜଳୁଛି ଚିତା ଭଳି ଅପେରା ନାଟକ ତଥା ପାର୍ବଣୀ, ଜୀବନର ମୃତ୍ୟୁ, ନାଟ୍ ଚାଲିଛେ (ସମ୍ବଲପୁରୀ ଭାଷା), ସ୍ୱାର୍ଥ, ଯା ଦେବୀ ସର୍ବଭୂତେଷୁ, ଗଣତନ୍ତ୍ରର ବଜାର, ହମ୍ରି ଦୁନିଆଁ (ସାଦ୍ରି ଭାଷା) ଆଦି ବହୁ ମଞ୍ଚ ଓ ବେତାର ନାଟକ।

**କେମିତି ହୁଏ ଆରମ୍ଭ :** ନାଟକଟିର ଆରମ୍ଭ କେମିତି ହୁଏ? ସାଧାରଣତଃ ପ୍ରଥମେ କାହାଣୀଟିଏ ଚିନ୍ତା କରାଯାଏ। ତା'ପରେ ଚାଲେ ନାଟକର ଗଢ଼ଣ। ନାଟ୍ୟକାର ଅରୁଣ ବାରିକ କହନ୍ତି : ମୁଁ ପ୍ରଥମେ କାହାଣୀ ଚିନ୍ତାକରେ। କାହାଣୀଟି ଗଢ଼ା ହୋଇଗଲା ପରେ କାହାଣୀ ଅନୁଯାୟୀ ଚରିତ୍ର ଆସନ୍ତି। ଆଉ ଯେଉଁ ଚରିତ୍ରମାନଙ୍କ ପାଇଁ ଯେଉଁ କଥା ଦରକାର ସେମାନଙ୍କୁ ସେହି କଥା କୁହେଇ ଦିଆଯାଏ। ନାଟ୍ୟକାର ଅରୁଣ ନାୟକ କହନ୍ତି: ତାଙ୍କ ନାଟକର ଆରମ୍ଭ କୌଣସି ବି ଦିଗରୁ ଘଟିପାରେ। ମୁଁ କେବଳ ଅପେରା ବା ବ୍ୟବସାୟିକ ନାଟ୍ୟସଂସ୍ଥା ପାଇଁ ନାଟକ ଲେଖେନାହିଁ। ବେତାର ତଥା ପ୍ରସିଦ୍ଧ ଥିଏଟର ପାଇଁ ବି ନାଟକ ଲେଖେ। ତେଣୁ କିଛି ନା କିଛି ଇସ୍ୟୁକୁ ନେବା ପାଇଁ ହୁଏ। ପୁଣି ଅନେକ ସମୟରେ ଗୋଟିଏ ଗୋଟିଏ ଚରିତ୍ର ଏମିତି ପ୍ରଭାବିତ କରନ୍ତି ଯେ ସେଇମାନେ ହିଁ ମନକୁମନ କାହାଣୀ କହିଦେଇଯାଆନ୍ତି। କେବଳ ତାଙ୍କ କାହାଣୀକୁ ଶୁଣିବାର କାନ ରଖିବା ଦରକାର। ତେଣୁ କାହାଣୀରୁ ଚରିତ୍ର ଆସିପାରେ। ପୁଣି ଚରିତ୍ରରୁ ବି ଅତି ଭଲ କାହାଣୀ ତିଆରି ହୋଇପାରେ। ଯେମିତି ମୋର ପାର୍ବଣୀ ନାଟକ।

**ପ୍ରାକ୍ ପ୍ରସ୍ତୁତି :** ନାଟ୍ୟକାର ଅରୁଣ ବାରିକ କହନ୍ତି : ବହୁ ପୂର୍ବରୁ ମନରେ ଭ୍ରୂଣ ଥାଏ। ତାହାକୁ ବହୁ ଯତ୍ନରେ ପାଳିବାକୁ ହୋଇଥାଏ। ସଂକ୍ଷେପରେ ଏଇଆ କୁହାଯାଇ ପାରିବ ଯେ, ସ୍ରଷ୍ଟାକୁ ଗୋଟେ ମା'ର ପ୍ରସ୍ତୁତି କରିବାକୁ ହୋଇଥାଏ। ମା'ଟିଏ ପିଲା ଜନ୍ମ କରିବାକୁ ୧୦ମାସ ସମୟ ନିଏ। ନାଟକ ମଧ୍ୟ ଗୋଟେ ପିଲା। ଓଡ଼ିଶାର ୪କୋଟିରୁ ୨କୋଟି ଦର୍ଶକ ତ ନିଶ୍ଚୟ ଦେଖୁଛନ୍ତି। ସୁସ୍ଥ, ସବଳ ତଥା ନୀରୋଗ ପିଲାଟିଏ ଜନ୍ମ କରିବା ପାଇଁ ମା' ଯେଉଁ ଗର୍ଭଯନ୍ତ୍ରଣା ଭୋଗେ ମୋତେ ବି ସେହି ଯନ୍ତ୍ରଣା ଭୋଗିବାକୁ ହୋଇଥାଏ। ଦେଖନ୍ତୁ, ମୁଁ ୧୦ ଦିନରେ ଗୋଟିଏ ନାଟକ ଲେଖିପାରେନି। ସେଥିଲାଗି ୯୬ ମସିହାରୁ ଲେଖିଲିଣି। ହେଲେ ସେଥିଲାଗି ମୋ ନାଟକର ତାଲିକା ଖୁବ୍ କମ୍। ନାଟ୍ୟକାର ଅରୁଣ ନାୟକ ବି ପାଖାପାଖି ସେହି ମତ ରଖନ୍ତି। ସେ କହନ୍ତି : ମୋତେ ଗୋଟିଏ ଗୋଟିଏ କାହାଣୀ କରିବାକୁ ବହୁ ସମୟ ଲାଗେ। ପୁଣି ମୁଁ କାଗଜ କଲମ ଧରିବା ପୂର୍ବରୁ ନାଟକଟିକୁ ମୋ ମନର ମଞ୍ଚରେ ସମ୍ପୂର୍ଣ୍ଣ ଦେଖିଥାଏ। ଆଉ ତା'ପରେ ଯାଇ ନାଟକ ଲେଖିଥାଏ।

**ନାଟ୍ୟ ସ୍ୱର :** ପ୍ରତ୍ୟେକ ନାଟକରେ ଥାଏ ଏକ ନାଟ୍ୟସ୍ୱର। ନାଟ୍ୟକାର ଅରୁଣ ବାରିକ ତାଙ୍କ ନାଟକ ସବୁରେ ସାମାଜିକ ବାର୍ତ୍ତାକୁ ମୁଖ୍ୟ ଅସ୍ତ୍ର କରିଥାନ୍ତି। କନ୍ୟାଭ୍ରୂଣ ହେଉ କି ଆଉ କିଛି ତାହାକୁ ନେଇ ସେ ସମାଜକୁ ଏକ ଦିଗ୍‌ଦର୍ଶନ ଦେଇଥାନ୍ତି। ତେବେ ଓଡ଼ିଶାର ଚଳଣୀକୁ ନେଇ ଓଡ଼ିଆ ବାସ୍ନା ଥିବା ନାଟକ ଲେଖିବା ମୋର ପ୍ରଥମ ପସନ୍ଦ ବୋଲି କହନ୍ତି ନାଟ୍ୟକାର ଅରୁଣ ବାରିକ। ନାଟ୍ୟକାର ନାୟକଙ୍କ ନାଟକରେ ବି ସମାଜକୁ ନେଇ ଅନେକ ସ୍ୱର ଥାଏ। ସେ ମୁଖ୍ୟତଃ ଗୋଟିଏ କଥାକୁ ସିଗ୍‌ନେଚର ମେସେଜ୍ ଭାବରେ ନେଇଥାନ୍ତି ଯେ, ଅନ୍ୟାୟ ବିରୋଧରେ ସ୍ୱର ଉତ୍ତୋଳନ କରାଯିବା ଦରକାର। ଓଡ଼ିଆ ଆଉ ଓଡ଼ିଶା କଥା ଉଠିଲେ ନାଟ୍ୟକାର ଅରୁଣ ନାୟକ କହନ୍ତି : ଓଡ଼ିଶାର କାହାଣୀ ବୋଲି ଆମେ କାହାକୁ କହିବା। ଆମେ ଏବେ ଏକ ଗ୍ଲୋବାଲ ଭିଲେଜ୍‌ରେ ରହୁଛେ। ଏବେ ଯଦି ମଥାରେ ହାତେ ଲମ୍ବର ଓଢ଼ଣା ଟାଣି ନଇଁନଇଁ ଚାଲୁଥିବା ନୂଆବୋହୂ କଥା କହିବା ତା'ହେଲେ ତାହା ସୁପରଫିସିଆଲ୍ ହୋଇଯିବନି।

**ବଦଳୁଥିବା ପିଢ଼ି ଓ ନାଟ୍ୟ ସ୍ରଷ୍ଟାଙ୍କ ଚିନ୍ତନ :** ବଦଳୁଥିବା ପିଢ଼ିର ମାନସିକତା ବା ଯାହାକୁ କୁହାଯାଏ 'ଅଫ୍‌ବିଟ୍‌ନେସ୍' ପ୍ରତି ଆମର ନାଟ୍ୟକାରମାନେ କେତେ ସଚେତନ? ଏ ପ୍ରଶ୍ନର ଉତ୍ତରରେ ନାଟ୍ୟକାର ଅରୁଣ ବାରିକ କହନ୍ତି : ବର୍ତ୍ତମାନର ପିଢ଼ିକୁ ଆଖି ଆଗରେ ରଖି ନାଟକ ଲେଖାଯାଉଛି। ବର୍ତ୍ତମାନ ତ 'ଉହ୍ମେଇ ନିଆଁ' କହିଲେ ପିଲାମାନେ ବୁଝିବେନି। ଏହାକୁ ଆଖିଆଗରେ ରଖିବା ନିହାତି ଦରକାର। ନାଟ୍ୟକାର ଅରୁଣ ନାୟକ କହନ୍ତି : ବର୍ତ୍ତମାନର ପିଢ଼ି ମୁଖ୍ୟତଃ ମାନସିକ ସ୍ତରରେ ବଞ୍ଚୁଛନ୍ତି। ସମୟ ସହିତ ସଂସ୍କୃତି, ପରମ୍ପରା ବଦଳିଯାଉଛି। ତାହାର ସ୍ଥାନ ନେଉଛି ଏକ ନୂଆ ଚିନ୍ତାଧାରା; ଯାହାକୁ ଆମେ ଅସ୍ୱୀକାର କରିପାରିବାନି। ମୋର ସବୁ ନାଟକରେ ରହିଛି ତାହାର ଝଲକ।

# ସୁକଣ୍ଠି ଗାୟିକା

ଆସନ୍ତାକାଲିକୁ ଦେଖିଛି କିଏ? ତେବେ ସମସ୍ତେ ସବୁବେଳେ ନିଜକୁ ପ୍ରସ୍ତୁତ କରୁଥାନ୍ତି ସେହି ଆସନ୍ତାକାଲିକୁ ସାମ୍ନା କରିବା ପାଇଁ। ଠିକ୍ ଯେମିତି ଓଡ଼ିଆ ଯାତ୍ରା ଜଗତର ଉଦୀୟମାନା ଗାୟିକା ପ୍ରମିଳା ଜେନା ଓରଫ୍ ପମି। ସେ ତ କେବଳ ଗୀତ ଗାଉଥିଲେ। ଆଉ ଗୀତ ବି ଶିଖୁଥିଲେ। ମାତ୍ର ସେ କ'ଣ ଜାଣିଥିଲେ ଯେ, ତାଙ୍କର ଭବିଷ୍ୟତ – ତାଙ୍କର ଆସନ୍ତାକାଲି ତାଙ୍କୁ ଟାଣିଆଣିବ ଯାତ୍ରାକୁ? ହଁ, ତାହା ହିଁ ହୋଇଛି। ଏବେ ବାଘାଯତୀନ ଲୋକନାଟ୍ୟର କ୍ୟାମ୍ପ ପ୍ରତ୍ୟେକ ରାତିରେ ପମିଙ୍କ ସ୍ୱରରେ ସୁରିଲା ହେଉଛି। କେନ୍ଦୁଝର ଜିଲ୍ଲାର ସୋସୋ ନିକଟବର୍ତ୍ତୀ ବେରୁଣପଦୀ ଗ୍ରାମରେ ହରେକୃଷ୍ଣ ରାଉତ ଓ ରାଧାରାଣୀ ରାଉତଙ୍କ କୋଳରେ ଜନ୍ମ ହୋଇଥିଲେ ପମି। ତେବେ ଜେଜେ ଭାସ୍କର ରାଉତ ଥିଲେ ତାଙ୍କର ସବୁକିଛି। ଜେଜେ ହିଁ ସ୍ୱପ୍ନ ଦେଖୁଥିଲେ ପମି ଗାୟିକା ହେଉ। ସେଥିଲାଗି ସେ ଭଦ୍ରକ ମନମୋହନ କଳା ପରିଷଦକୁ ନେବା ଆଣିବା କରି ତାଙ୍କୁ ଗୀତ ଶିଖାଉଥିଲେ। ପିଲାଟି ବେଳୁ ଭାରି ସୁନ୍ଦର ଗାଉଥିଲେ ପମି। ସ୍କୁଲ୍‌ରେ ଜାନୁଆରୀ ୨୬ ହେଉ କି ଅଗଷ୍ଟ ୧୫ – ସେ ଗୀତ ଗାଇ ସମସ୍ତଙ୍କୁ ଖୁସି କରି ପାରୁଥିଲେ। ସେହିଭଳି ଏକ ଫଙ୍କସନ୍‌କୁ ଆସିଥିଲେ ସେତେବେଳେ ଓଡ଼ିଶା ଅପେରାରେ ଥିବା ବୁଲୁ ବିଶ୍ୱାଳ। ସେ ହିଁ ପମିଙ୍କ ପ୍ରତିଭାକୁ ଠାବ କଲେ। ଆଉ ତାଙ୍କୁ ଯାତ୍ରାକୁ ଯିବାକୁ କହିଲେ। ସେତେବେଳେ ବୟସ ହୋଇ ନଥିଲେ ମଧ୍ୟ ଗୀତର ମାୟା ଏମିତି କାବୁ କରି ନେଇଥିଲା ଯେ, ବାପାମା'ଙ୍କ ପ୍ରତିରୋଧ ସତ୍ତ୍ୱେ ସେ ଆସି ଯୋଗଦେଲେ ଓଡ଼ିଶା ଅପେରାରେ। ଶିଶୁ କଳାକାରଙ୍କ ପାଇଁ ଗୀତ ଗାଇଲେ। ବାସ୍, ଏମିତିରେ ବିତି ଚାଲିଲା ସମୟ। ଓଡ଼ିଶା ଅପେରାରୁ ଆସି ସେ ନିୟତି ଗଣନାଟ୍ୟ, ଗଙ୍ଗୋତ୍ରୀ ଗଣନାଟ୍ୟ, ତ୍ରିନାଥ ଅପେରା, ମୁକ୍ତେଶ୍ୱର ଅପେରା ତଥା ସାହାଣୀ ଅପେରାରେ ଗୀତ ଗାଇଲେ। ପ୍ରସିଦ୍ଧ ଓଲିଉଡ୍ ଗାୟିକା ଈରା ମହାନ୍ତିଙ୍କ ଗୀତ ତାଙ୍କ କଣ୍ଠକୁ ଭାରି ଭଲମାନେ। ଆଉ ଦର୍ଶକମାନେ ବି ପସନ୍ଦ କରନ୍ତି। ସେତିକିନୁହେଁ, ଈରା ମହାନ୍ତିଙ୍କ ଗୀତ ହିଁ ତାଙ୍କୁ ଖୋଜି ଦେଇଥିଲା ତାଙ୍କର ଜୀବନ ସାଥୀ ସୁବାସ ଜେନାଙ୍କୁ। ଯେଉଁ ପାର୍ଟିରେ ପମି ଗୀତ ଗାଉଥିଲେ ସେହି ପାର୍ଟିରେ ସୁବାସବାବୁ ଥିଲେ ଜଣେ ଆଙ୍କର ଓ ଅଭିନେତା। ସେ ପମିଙ୍କୁ ଭଲପାଇ ବସିଲେ। ସମ୍ଭବତଃ ଭାଗ୍ୟର ଲିଖନ ତାହା ଥିଲା। ଉଭୟ ପରିବାରର ସମ୍ମତି କ୍ରମେ ଉଭୟେ ବିବାହ ବନ୍ଧନରେ ଆବଦ୍ଧ ହେଲେ। ଯାତ୍ରା ସହିତ ପରିବାରକୁ କେମିତି ସନ୍ତୁଳନ କରି ଚଳେଇ ହେବ ସେକଥା ପ୍ରମାଣିତ କରି ଦେଖାଇଛନ୍ତି ସେ। ସେ ମଞ୍ଚରେ ଯେମିତି ସୁକଣ୍ଠି ଗାୟିକା ଘରେ ସେମିତି ସୁନାନାକୀ ସୁନା ବୋହୂ। ଘର, ପରିବାର ସହିତ ପେସାକୁ ସନ୍ତୁଳିତ କରି ଚଳେଇଲେ ଯାତ୍ରା ପ୍ରତି ସାଧାରଣରେ ଥିବା ଭୁଲ ଭାବନାକୁ ଦୂର କରାଯାଇପାରିବ ବୋଲି କହନ୍ତି ପମି। ଆଙ୍କର ଅଭିନେତା ସ୍ୱାମୀ ସୁବାସଙ୍କ ପ୍ରେରଣା ଓ ସହଯୋଗ ତାଙ୍କୁ ଆଗକୁ ଆଗକୁ ବାଟ କଢ଼େଇ ନଉଛି ବୋଲି ଏହି ଗାୟିକାଙ୍କ ମତ।



ପ୍ରମିଳା ଜେନା

## ପୁସ୍ତକ ସମୀକ୍ଷା

### ଦିବ୍ୟ ସମ୍ଭାର

ଲେଖିକା : ପ୍ରବାସିନୀ ମହାନ୍ତି

ପ୍ରବାସିନୀ ମହାନ୍ତିଙ୍କ ରଚିତ 'ଦିବ୍ୟ ସମ୍ଭାର' ପୁସ୍ତକଟି ବାସ୍ତବରେ ଦିବ୍ୟ ବାସ୍ନାରେ ଭରପୂର। ପୁରାଣ, ବେଦ ଆଦି ଗ୍ରନ୍ଥରେ ବର୍ଣ୍ଣିତ ଚରିତ୍ରମାନଙ୍କୁ ନେଇ ନିଜସ୍ୱ ରୀତିରେ ସଜେଇଛନ୍ତି ଲେଖିକା ଆଉ ଆଦର କରି ପରଷିଦେଇଛନ୍ତି ତାଙ୍କର ପାଠକମାନଙ୍କୁ। ରାମକୃଷ୍ଣ ପରମହଂସ ହୁଅନ୍ତୁ କି ଶ୍ରୀରାଧା – ଏସବୁ କାହାଣୀ ବାସ୍ତବରେ ମନରେ ଦିବ୍ୟତ୍ୱ ଭରିଦିଏ।




### ଶିଖ ଇତିହାସ

ଅନୁସୃଜନ : ସାଧନା ପତ୍ରୀ

'ଶିଖ ଇତିହାସ' ବହିଟି ହେଉଛି ଏକ ଅନୁବାଦ ପୁସ୍ତକ। ଏହାର ମୂଳ ରଚନାକାର ହେଉଛନ୍ତି ଜ୍ଞାନୀ ଅମର ସିଂହ ଜୀ। ସାଧନା ପତ୍ରୀଙ୍କ ଅନୁସୃଜନରେ ଏହା ଏପରି ରସାଳ ହୋଇଛି ଯେ, ତାହାକୁ ପାଠକଲେ ଏକ ସୁଖପାଠ୍ୟ ଉପନ୍ୟାସ ପରି ମନେହୁଏ। ଶିଖ୍‌ମାନଙ୍କର ବୀରତ୍ୱ, ଗରିମାକୁ ଖୁବ୍ ସୁନ୍ଦର ଢଙ୍ଗରେ ଉପସ୍ଥାପନ କରାଯାଇଛି ଏହି ପୁସ୍ତକରେ।

### କବିତା ପରି କିଛି

କବି : ଅମିତାଭ ସାହୁ

ଅମିତାଭ ସାହୁଙ୍କ ଦ୍ୱାରା ରଚିତ କବିତା ସଂକଳନ 'କବିତା ପରି କିଛି'ରେ ରହିଛି ଚାଳିଶରୁ ଊର୍ଦ୍ଧ୍ୱ କବିତା। ଏହି ସଂକଳନଟି ବ୍ରହ୍ମପୁର ସାହିତ୍ୟ ପରିଷଦ ଦ୍ୱାରା ୨୦୧୮ ମସିହାରେ ପୁରସ୍କୃତ ହୋଇଥିଲା। କବିତାଗୁଡ଼ିକ ବେଶ୍ ମନୋଜ୍ଞ ଓ ହୃଦୟସ୍ପର୍ଶୀ। କବିତାର ଭାଷା ବି ବେଶ ରୋକ୍‌ଠୋକ୍; ଯେମିତିକି 'ଏବେ ମୋ ଗାଁ, ଆଉ ଗାଁ ହୋଇନାହିଁ/ଗୋଟାପଣେ ପାଲଟି ସାରିଛି ସହର'। ସଂକଳନଟି ସଂଗ୍ରହଣୀୟ।

## ବ୍ୟାକ୍ ପେଜ୍






# କୁନି ମୁଣ୍ଡର ସୁରକ୍ଷା କବଚ ଏଇ ବ୍ୟାକ୍‌ପ୍ୟାକ୍

କୁନି ପିଲାଟି ବସିବା ଆରମ୍ଭ କଲେ ଅବା ଟଳମଳ ପାଦ ପକାଇ ଚାଲିବା ଆରମ୍ଭ କଲେ ମା'ବାପାଙ୍କୁ ବହୁତ ଖୁସି ଲାଗେ । ହେଲେ ଡର ଥାଏ ବସିବା ସମୟରେ ଓ କୁନି କୁନି ପାଦରେ ଚାଲୁ ଚାଲୁ କାଳେ ପଡ଼ିଯିବ । ଆଉ ମୁଣ୍ଡ ବାଜି ଆଘାତ ଲାଗିଯିବ । ଅଧିକାଂଶ ପିଲା ପଛପଟୁଆ ପଡ଼ି ଥାଆନ୍ତି । ତେଣୁ ମୁଣ୍ଡର ପଛଭାଗରେ ଆଘାତ ଲାଗିବାର ଭୟ ଅଧିକ ଥାଏ । ମା'ବାପାଙ୍କର ଏହି ଭୟ ଦୂରକରିବା ଓ ପିଲାଙ୍କ କୁନି ମୁଣ୍ଡକୁ ସୁରକ୍ଷା ପ୍ରଦାନ କରିବା ପାଇଁ ଆସିଯାଇଛି ଏକ ସ୍ୱତନ୍ତ୍ର ଧରଣର ବ୍ୟାକ୍‌ପ୍ୟାକ୍ । ଏହାର ଡିଜାଇନ ପିଲାଙ୍କ ମୁଣ୍ଡକୁ ସୁରକ୍ଷା ପ୍ରଦାନ କରିବା ପାଇଁ ହୋଇଛି । ବ୍ୟାକ୍‌ପ୍ୟାକ୍‌ର ଉପରଭାଗରେ ଗୋଲାକାର ରିଙ୍ଗ ଅଛି, ଯାହା ନରମ ଗଦି ପରି ହୋଇଥାଏ । ଏହି ବ୍ୟାକ୍‌ପ୍ୟାକ୍‌ର ଓଜନ ବହୁତ ହାଲ୍‌କା(୧୦୦-୨୦୦ ଗ୍ରାମ) ଏବଂ ଏଥିରେ ଆଡଜଷ୍ଟେବଲ୍ ଷ୍ଟ୍ରାପ୍ ଥାଏ । ତେଣୁ ପିଲା ଏହାକୁ ବେଶ୍ ଆରାମରେ ପିନ୍ଧିପାରିବେ । ଆଉ ପଡ଼ିଗଲେ ମୁଣ୍ଡକୁ ଆଘାତ ଲାଗିବାର ଭୟ ବି ରହିବ ନାହିଁ ।



# ୪୭ବର୍ଷ ପୁରୁଣା ଜୋତାର ମୂଲ୍ୟ ୩ କୋଟି

ଜୋତା ପୁରୁଣା ହୋଇଗଲା ପରେ ତା'ର ସ୍ଥାନ ଅଳିଆଗଦା ହୋଇଥାଏ । ଯେତେ ଦାମୀ ହେଲେ ହେଁ ପୁରୁଣା ଚିରାଫଟା ଜୋତାକୁ କେହି ପାଦରେ ପିନ୍ଧିବାକୁ ଚାହାନ୍ତି ନାହିଁ । କିନ୍ତୁ ନିକଟରେ ନ୍ୟୁୟର୍କର ସୋଦବୀ ଅକ୍ସନ ହାଉସ୍‌ରେ ହୋଇଥିବା ନିଲାମୀରେ ୪୭ ବର୍ଷ ପୁରୁଣା ଏକ ଜୋତା ଯେତିକି ମୂଲ୍ୟରେ ବିକ୍ରି ହୋଇଛି ତାହା ସମସ୍ତଙ୍କୁ ଚକିତ କରିଦେଇଛି । କାରଣ ତାହା ନିଲାମ ହୋଇଛି ହଜାରେ କି ଲକ୍ଷେ ନୁହେଁ, ୩ କୋଟି ଟଙ୍କାରେ । ଏହା ହେଉଛି କୌଣସି ପୁରୁଣା ଜୋତାର ସବୁଠାରୁ ବଡ଼ ନିଲାମୀ । ଭାବୁଥିବେ ଏହି ଜୋତାର ନିଶ୍ଚୟ କିଛି ବିଶେଷତ୍ୱ ଥିବ । ହଁ, ଧଳା ରଙ୍ଗର ଏହି ଜୋତାକୁ ଆଟଲିଟ୍‌ଙ୍କ ପାଇଁ ୧୯୭୨ରେ ନାଇକ୍‌ର କୋ ଫାଉଣ୍ଡର ଓ ଟ୍ରାକ କୋଚ୍ ବିଲ ବୋଓ୍ୱର୍ମନ୍ ଡିଜାଇନ କରିଥିଲେ । ଏ ହେଉଛି ନାଇକ୍‌ର ପ୍ରଥମ ସ୍ନିକର । ୧୯୭୨ର ଅଲିମ୍ପିକ୍ ଟ୍ରାଏଲ ପାଇଁ ଏହାକୁ ତିଆରି କରାଯାଇଥିଲା । ଉକ୍ତ ଜୋତାର ନାମ 'ମୁନ୍ ଶୁ' ରଖାଯାଇଥିଲା । ସେତେବେଳେ ଏହାର ମାତ୍ର ୧୨ ଯୋଡ଼ି ତିଆରି ହୋଇଥିଲା । ଜୋତାଟିକୁ ନିଲାମରେ ଏତେଟଙ୍କା ଦେଇ ନେଇଥିବା ବ୍ୟକ୍ତି ଜଣକ ହେଉଛନ୍ତି କାନାଡାର ମାଇଲ୍ସ ନାଡାଲ । ସେ ଐତିହାସିକ ମହତ୍ତ୍ୱସମ୍ପନ୍ନ ଜିନିଷକୁ ଅଧିକରୁ ଅଧିକ ଟଙ୍କାରେ କିଣି ନିଜ ସଂଗ୍ରହାଳୟରେ ରଖନ୍ତି ।







# ଶ୍ରୀଗଣେଶଙ୍କୁ ନେଇ ରେକର୍ଡ

ସେ ହେଉଛନ୍ତି ଅଗ୍ରପୂଜ୍ୟ, ବିଘ୍ନହର୍ତ୍ତା । ତେଣୁ ସବୁଠି ପ୍ରଭୁ ଶ୍ରୀଗଣେଶ ପୂଜା ପାଆନ୍ତି । କେବଳ ଭାରତରେ ନୁହେଁ, ବିଦେଶ ମାଟିରେ ବି ତାଙ୍କର ହୁଏ ପୂଜା । ଶ୍ରୀଲଙ୍କା, ଥାଇଲାଣ୍ଡ, ବାଂଲାଦେଶ, ନେପାଳରେ ଅଛନ୍ତି ତାଙ୍କର ଅନେକ ଭକ୍ତ । ସେମିତି ଭକ୍ତ ହେଉଛନ୍ତି ମୁମ୍ବାଇର ରମା ଶାହ । ସେ ଶ୍ରୀଗଣେଶଙ୍କ ପୂଜା କରିବା ସହ ପାଳଟିଛନ୍ତି ପ୍ରଭୁଙ୍କ ପେଣ୍ଟିଂ ଓ ପ୍ରତିମୂର୍ତ୍ତିର ସଂଗ୍ରାହକ । ଇତିମଧ୍ୟରେ ସେ ୧୮,୧୮୧ଟି ଭିନ୍ନ ଭିନ୍ନ ପ୍ରକାରର ପ୍ରଭୁ ଶ୍ରୀଗଣେଶଙ୍କ ସମ୍ପର୍କିତ ପ୍ରତିମୂର୍ତ୍ତି ଓ ଅନ୍ୟ ସାମଗ୍ରୀ ସଂଗ୍ରହ କରିଛନ୍ତି । ୨୦୦୦ ମସିହାରୁ ସେ ଏହି ସଂଗ୍ରହ କରି ଆସୁଛନ୍ତି । ସେ ତାଙ୍କର ଉକ୍ତ ସଂଗ୍ରହକୁ ସିଓନ୍ ଭଗିନି ସମାଜ , ସିଓନ, ମୁମ୍ବାଇରେ ପ୍ରଦର୍ଶିତ କରିଥିଲେ । ଆଉ ଗିନିଜ୍ ଓ୍ୱାର୍ଲଡ ରେକର୍ଡରେ ଏହାକୁ ସବୁଠାରୁ ଅଧିକ ଶ୍ରୀଗଣେଶଙ୍କ ସମ୍ପର୍କିତ ବିଭିନ୍ନ ସାମଗ୍ରୀ ସଂଗ୍ରହର ମାନ୍ୟତା ମିଳିଛି ।